ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.93 Bhubaneswar Sunday May 22 2022 | ୨୫ତମ ବର୍ଷ ସଂଖ୍ୟା-୯୩ ଭୁବନେଶ୍ୱର, ରବିବାର, ମଇ ୨୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ରାଜୀବ ଗାନ୍ଧୀଙ୍କ ୩୧ତମ ମହାପ୍ରୟାଣ ଦିବସ ଓ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ





ଭୁବନେଶ୍ୱର, ୨୧।୫(ପି.ଏନ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ରାଜୀବ ଗାନ୍ଧୀଙ୍କ ୩୧ତମ ମହାପ୍ରୟାଣ ଦିବସ, ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ ଓ ଏକ ବକ୍ତାମାଳା "Contribution of Rajiv Gandhi to Indian Democracy and National Building" "ରାଜୀବ ଗାନ୍ଧୀଙ୍କ ଭାରତର ଗଣତନ୍ତ୍ର ପ୍ରତି ଅବଦାନ ଓ ରାଷ୍ଟ୍ର ନିର୍ମାଣ ଶିର୍ଷକ ପ୍ରବନ୍ଧ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଅଧକ୍ଷତା କରିଥିଲେ। ଗ୍ରାମାଂଚଳରେ ବିକାଶ ହେଲେ ଦେଶର ପ୍ରକୃତ ବିକାଶ ହୋଇପାରିବ। ଗରିବୀ ଦେଶର ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏହା ନିରାକାରଣ ପାଇଁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀ ସର୍ବଦା ଚେଷ୍ଟା କରି ଆସୁଥିଲେ। ସମଗ୍ର ବିଶ୍ୱକୁ ଲକ୍ଷକଲେ ଆମ ଦେଶର ଗରୀବର ଚିତ୍ର ଅତି ସ୍ପଷ୍ଟ। ବିଂଶ ଶତାବ୍ଦୀରେ ରାଜୀବ ଗାନ୍ଧୀ ସମଗ୍ର ଭାରତ ବର୍ଷକୁ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସ୍ୱାବଲମ୍ବି କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରି ଯଥେଷ୍ଟ ସଫଳ ଲାଭ କରିଥିଲେ ହେଁ ଏକବିଂଶ ଶତାବ୍ଦୀ ପାଇଁ ସେହି ଦିବଙ୍ଗତ ନେତାଙ୍କ ନେତୃତ୍ୱ ଦେଶ ଲାଭ କରିଥିଲେ ଭାରତ ବର୍ଷ ବିଶ୍ୱର ଅନ୍ୟତମ ଅଗ୍ରଣୀ ସୂଚନା ପ୍ରଯୁକ୍ତି ରାଷ୍ଟ୍ରଭାବେ ଦଣ୍ଡାୟମାନ ହୋଇପାରିଥାନ୍ତା। ୧୮ ବର୍ଷର ଭୋଟଦାନ ଅଧିକାର ଦେଶକୁ ବିକାଶ ପଥରେ ଆଗେଇ ନେବା କ୍ଷେତ୍ରରେ ଓ କ୍ଷମତାର ବିକେନ୍ଦ୍ରିକରଣ ତାଙ୍କର ଭୂମିକାକୁ ଇତିହାସ ମନେରଖିବ ବୋଲି ଅଖିଳ ଭାରତ କଂଗ୍ରେସ କମିଟିର ରାଷ୍ଟ୍ରୀୟ ପ୍ରବକ୍ତା ମୁଖ୍ୟବକ୍ତା ପବନ ଖେରା ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥିଭାବେ ଯୋଗଦାନ କରି ରାଜସ୍ଥାନର ରାଜ୍ୟସଭା, ସାଂସଦ ନିରଜ ଡାଙ୍ଗି କହିଥିଲେ ଭାରତର ସ୍ୱାଭିମାନ ଓ ଅଖଣ୍ଡତା ପାଇଁ ରାଜୀବ ଗାନ୍ଧୀ ଜୀବନକୁ ବଳିଦାନ ଦେଇଥିଲେ। ଗରିବ ଚିହ୍ନଟ ଓ ସେମାନଙ୍କ ନିକଟରେ ଆବଶ୍ୟକ ସେବା ପହଂଚାଇବା ପାଇଁ ^ଗାନ୍ଧୀ ଯେଉଁ ଉପାୟ ଆପଣେଇଥିଲେ ତାହା ସ୍ୱାଗତଯୋଗ୍ୟ। ତଥାପି ସେ ଅନୁଭବ କରିଥିଲେ ୧ ଟଂକାରୁ ୧୫ ପଇସା ଲୋକଙ୍କ ପାଖରେ ପହଂଚୁଥିବା ଦୁଃଖର କଥା। ଜଣେ ମାନବଭାଦି ନେତାଭାବେ ସେ ସମଗ୍ର ଦେଶବାସୀଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀ ଡାଙ୍ଗି କହିଥିଲେ। ଏହି ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗ ଦେଇ ରାଜୀବ ଗାନ୍ଧୀ ବିଶ୍ୱାସ କରୁଥିବା ଶାନ୍ତି, ଅହିଂସା ଓ ସତ୍ୟ ପ୍ରତି ଯୁବ ପିଢ଼ି ଅନୁପ୍ରାଣିତ ହେଲେ ମେରା ଭାରତ ମହାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ସଂପାଦକ ଓଡ଼ିଶା ପ୍ରଭାରୀ ଜି.ରୁଦ୍ର ରାଜୁ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଦୈନିକ ଖବର କାଗଜ ପର୍ଯ୍ୟବେକ୍ଷକର ସଂପାଦକ ପବିତ୍ର ମୋହନ ସାମନ୍ତରାୟ, ଅଖିଳ ଭାରତ କଂଗ୍ରେସ କମିଟିର ନିର୍ବାଚନ ପରିଚାଳନା ସଦସ୍ୟ ଅମିତାଭ ଚକ୍ରବର୍ତୀ ପ୍ରମୁଖ ଯୋଗଦେଇ କହିଥିଲେ ଯେ ରାଜୀବ ଗାନ୍ଧୀ ୧୦୦ ବର୍ଷ ପୁର୍ବରୁ ଓ ୧୦୦ ବର୍ଷ ପରର ଭାରତ ବର୍ଷ ସଂପର୍କରେ ଚିନ୍ତା କରିଥିଲେ, ସ୍ୱପ୍ନ ଦେଖୁଥିଲେ ଏବଂ କାର୍ଯ୍ୟ କରୁଥିଲେ। ସେହିପରି ଭାବରେ ସଭାପତି ସତ୍ୟବ୍ରତ ନାୟକ କହିଥିଲେ ଯେ, ରାଜୀବ ଗାନ୍ଧୀଙ୍କ ଅମ୍ଳାନର ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ସେତିକିବେଳେ ହେବ ଯେତେବେଳେ ଦେଶର ଯୁବପିଢ଼ି ରାଜୀବ ଗାନ୍ଧୀଙ୍କ ନିତୀ ଆଦର୍ଶ ଓ ଚିନ୍ତାଧାରାକୁ ଦେଶ ଗଠନ କରିବା ବିନିଯୋଗ କରିବେ ଏବଂ ଆଜିର ଏହି ପ୍ରତିଭା ପୁରସ୍କାରରେ ପୁରସ୍କୃତ ଛାତ୍ରଛାତ୍ରୀମାନେ ସେବା ମନବୃତି ନେଇ ଭବିଷ୍ୟତରେ ସମାଜ ପାଇଁ ଓ ଦେଶ ପାଇଁ କାର୍ଯ୍ୟ କଲେ ଏହା ରାଜୀବ ଗାନ୍ଧୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ସାଧାରଣ ସଂପାଦକ ପଦ୍ମାକର ଗୁରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮୫ ଜଣଙ୍କୁ ସମ୍ମାନଜନକ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ସମ୍ବର୍ଦ୍ଧିତ କରାଯାଇଥିଲା। ଯଥା ଏନ୍.ସି.ସି, ଏନ୍‌ଏସ୍‌ଏସ୍, ସ୍କାଉଡ୍‌ଗାଇଡ୍, ୟୁଥ ରେଡ଼କ୍ରସ, ସାହିତ୍ୟ, ଓଡ଼ିଶି, ସଂଗୀତ, ଲୋକନୃତ୍ୟ, ସ୍ପୋଟସ୍ କ୍ରିଡ଼ା ଏବଂ ଚିତ୍ରକଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ନାୟକ, ସଂଜୀବ ମହାନ୍ତି, ସାଗର ପରିଡ଼ା, ମିର୍ ଅବୁବେକର ସିଦ୍‌କି, ମୋହନ ନନ୍ଦ, ସୁଶାନ୍ତ ବେହେରା ପ୍ରମୁଖ ରାଜ୍ୟକର୍ମକର୍ତାମାନେ ଉପସ୍ଥିତ ଥିଲେ।

## ତୈଳ ଦର: କେନ୍ଦ୍ର ଦେଲା ଆଶ୍ୱସ୍ତି, କେବେ ଟିକସ କମାଇବ ଓଡିଶା



ଭୁବନେଶ୍ୱର : କେନ୍ଦ୍ର ସରକାର ତୈଳ ଦର ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ଆସନ୍ତାକାଲିଠୁ ପେଟ୍ରୋଲ ସା ୯ଟଙ୍କା ଓ ଡିଜେଲ ୭ଟଙ୍କା ଶସ୍ତା ହେବାକୁ ଯାଉଛି । କିନ୍ତୁ ରାଜ୍ୟବାସୀଙ୍କ ସ୍ୱାର୍ଥ କଥା କହୁଥିବା ବିଜେଡି ସରକାର ତୈଳ ଦର ଉପରେ ନେଉଥିବା ଟିକସକୁ ହ୍ରାସ କରିବା ଦିଗରେ ଏପର୍ଯ୍ୟନ୍ତ ଘୋଷଣା କରିନି । ଏପରିକି କରୋନା ମହାମାରୀ ପୂର୍ବରୁ( ୨୦୨୦ ମେ' ମାସ) ଓଡିଶା ସରକାର ତୈଳ ଦର ଉପରେ ଯେତିକି ପ୍ରତିଶତ ଭ୍ୟାଟ୍ ନେଉଥିଲେ ଏବେବି ତା'ଠୁ ଅଧିକ ଟିକସ ନେବାକୁ ପଛାଇ ନାହାନ୍ତି । ଯଦିଓ ବର୍ଦ୍ଧିତ ତୈଳଦର ବୋଝରୁ ନିଜ ରାଜ୍ୟର ଲୋକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ରାଜ୍ୟ ସରକାରମାନେ ଟିକସ ହ୍ରାସ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚ଼ଳିତମାସରେ ସବୁ ମୁଖ୍ୟମନ୍ତ୍ରୀମାନଙ୍କୁ ଏକ ଉଚ୍ଚ଼ସ୍ତରୀୟ ବୈଠକରେ ଅନୁରୋଧ କରିଥିଲେ ।ସୂଚ଼ନା ଅନୁସାରେ, କେନ୍ଦ୍ର ସରକାର ଏକ ତୈଳ ଦର ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରି ସିଧାସଳଖ ସାଧାରଣ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଥିବାବେଳେ ଓଡିଶା ସରକାର ଏବେବି ନିଜର ଟିକସ ହ୍ରାସ ଦିଗରେ କୌଣସି ଘୋଷଣା କରିନାହାନ୍ତି । ଯଦିଓ ୨୦୨୦ ମେ' ମାସରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ଯଥାକ୍ରମେ ୧୦ ଓ ୧୩ଟଙ୍କା ବୃଦ୍ଧି କରିଥିଲେ । ଆଉ କେନ୍ଦ୍ର ସରକାରଙ୍କ ଆଳ ଦେଖାଇ ଓଡିଶା ସରକାର ପେଟ୍ରୋଲ ଉପରେ ଭ୍ୟାଟ୍ ୨୬ରୁ ୩୨% ଓ ଡିଜେଲରେ ୨୬ରୁ ୨୮% କୁ ବୃଦ୍ଧି କରିଥିଲେ । ଯଦିଓ ସେତେବେଳେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଅନ୍ୟ ରାଜ୍ୟଗୁଡିକ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ତୈଳ ଉପରେ ଟିକସ ହ୍ରାସ କରିବା ଭଳି ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଥିଲା ।

## ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଓମ୍‌ପ୍ରକାଶ ଚୌଟାଲା ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ, ୨୧।୫(ପି.ଏନ): ଦିଲ୍ଲୀର ରାଉଜ ଏବେନ୍ୟୁ କୋର୍ଟ ହରିୟାନାର ପୂର୍ବ ମୁଖ୍ୟମନ୍ତ୍ରୀ ଓମ୍‌ପ୍ରକାଶ ଚୌଟାଲାଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତି ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ପେଶାଲ ଜଜ୍ ବିକାଶ ଧୂଲ ୨୬ ମଇକୁ ଦଣ୍ଡ ର ଅବଧି ଉପରେ ଶୁଣାଣୀର ଆଦେଶ ଦେଇଛନ୍ତି। ଇଡି ୨୦୧୯ରେ ଆୟ ବର୍ହିଭୂତ ସମ୍ପତି ମାମଲାରେ ଚୌଟାଲାଙ୍କ ଏକ କୋଟି ୯୪ ଲକ୍ଷର ସମ୍ପତି ଜବତ କରିଥିଲେ। ଇଡି ମନି ଲଣ୍ଡରିଂ ଏକ୍ଟ ବିଷୟରେ ଚୌଟାଲାର ଜମି ଏବଂ ଗୋଟିଏ ଫାର୍ମ ହାଉସକୁ ଜବତ କରାଯାଇଥିଲା। ଇଡି ଏହା ପୂର୍ବରୁ ଓମ୍‌ପ୍ରକାଶ ଚୌଟାଲାଙ୍କ ୪.୧୫ କୋଟି ଟଙ୍କାର ସମ୍ପତି ଜବତ କରିଥିଲା। ଏହିପରି ମୋଟି ୬ କୋଟି ଟଙ୍କାରୁ ଅଧିକ ସମ୍ପତି ଜବତ କରିଥିଲେ।

## ପୁରୀରେ ପହଂଚିଲା ରଥ ଦଉଡ଼ି

ପୁରୀ, ୨୧।୫(ପି.ଏନ): ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରଥମ ରଥ ଦଉଡ଼ି ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଂଚିଛି । ବୀରପ୍ରତାପପୁର ସ୍ଥିତ ଓଡ଼ିଶା ସମବାୟ କତା ନିଗମ ପକ୍ଷରୁ ଏହି ଦଉଡ଼ି ଯୋଗାଇ ଦିଆଯାଇଛି। ୧୪ ଜଣ କାରିଗର ହବିଷ୍ୟ ପାଳନ କରି ଏହି ରଥ ଦଉଡ଼ି ନିର୍ମାଣ କରୁଛନ୍ତି। ପହଂଚିଥିବା ରଥ ଦଉଡ଼ିର ଲମ୍ବ ୨୨୦ ଫୁଟ ହୋଇଥିବା ବେଳେ ଏହାର ଗୋଲେଇ ୮ ଇଂଚ ରହିଛି। ପୂର୍ବରୁ ରଥ ଦଉଡ଼ି ଗୁଡ଼ିକ କେରଳରୁ ଆସୁଥିଲା।

## ଗାଡି ପାର୍କିଙ୍ଗରୁ ବଚସା, ବାପା ପୁଅଙ୍କୁ ଗୁଳିମାଡ଼

ନୂଆପଡ଼ା, ୨୧।୫(ପି.ଏନ): ନୂଆପଡା ଜିଲ୍ଲା ସିନାପାଲି ଥାନା ରାବଣ ଛକ ପାଖରେ ଗାଡି ପାର୍କିଂକୁ ନେଇ ବଚସା ହୋଇଥିଲା। ଏହି ଘଟଣାରେ ଜଣେ ବାଇକ ଆରୋହୀ ବାପା ପୁଅକୁ ଗାଳି ଗୁଲଜ କରିଥିବା ବେଳେ ମାଡ଼ ମାରିଥିଲା। ଘଟଣା ତୀବ୍ର ରୂପ ନେବାରୁ ବାପା ପୁଅଙ୍କୁ ଗୁଳିମାଡ ହୋଇଥିବା ଅଭିଯୋଗ ହୋଇଛି। ବାପପୁଅଙ୍କ ଜଙ୍ଘରେ ଗୁଳି ବାଜିଛି । ଗୁରୁତର ଆହତମାନେ ହେଲେ ବାପା ସରୋଜ ମେହେର ଓ ତାଙ୍କ ପୁଅ ନବରଞ୍ଜନ ମେହେର। ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଖରିଆର ମିଶନ ହିସ୍ପିଟାଲରେ ଭର୍ତି କରାଯାଇଛି। ଦୁଇଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଜଣାପଡିଛି। ଅପର ପକ୍ଷେ ଘଟଣା ସ୍ଥଳରୁ ଗୁଳି ଚାଳନା କରିଥିବା ଅଭିଯୁକ୍ତ ରାଜା ପାଣିଗ୍ରାହୀ ଫେରାର ହୋଇଯାଇଛି। ସିନାପାଲି ପୋଲିସ ଘଟଣାର ତଦନ୍ତ କରୁଥିବା ସିନାପାଲି ଥାନା ଅଧିକାରୀ ଡ଼ମ୍ବରୁଧର ପ୍ରଧାନ ପ୍ରକାଶ କରିଛନ୍ତି।

## ଆନ୍ତଃରାଜ୍ୟ ପରିଷଦ ଷ୍ଟାଣ୍ଡିଂ କମିଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ୧୩ ଜଣିଆ କମିଟିରେ ଅଛନ୍ତି ୮ ମୁଖ୍ୟମନ୍ତ୍ରୀ, ୫ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୧।୫(ପି.ଏନ): କେନ୍ଦ୍ର ସରକାର ଘୋଷଣା କରିଥିବା ନୂତନ ଆନ୍ତଃରାଜ୍ୟ ପରିଷଦ ଷ୍ଟାଣ୍ଡିଂ କମିଟିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୧୩ଜଣ ସଦସ୍ୟ ଅଛନ୍ତି। ଅମିତ ଶାହାଙ୍କ ବ୍ୟତୀତ ଏହି କମିଟିରେ ୪ ଜଣ କେନ୍ଦ୍ର ମନ୍ତ୍ରୀ ଓ ୮ ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଛନ୍ତି। ୨୦୧୯ ଅଗଷ୍ଟ ୯ରେ ଜାରି ହୋଇଥିବା ସଚିବାଳୟର ବିଜ୍ଞପ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ନୂଆ ଆନ୍ତଃରାଜ୍ୟ ପରିଷଦ ଗଠନ ନିମନ୍ତେ ନିଷ୍ପତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁମୋଦନକ୍ରମେ ନୂତନ 'ଆନ୍ତଃରାଜ୍ୟ ପରିଷଦ' ଗଠନ ହେବାକୁ ଯାଉଥିବା ନେଇ ଶୁକ୍ରବାର ଦିନ ଗୃହ ମନ୍ତ୍ରଣାଳୟ ଜାରି କରିଥିବା ଗେଜେଟ୍ ବିଜ୍ଞପ୍ତିରୁ ଜଣାପଡ଼ିଛି ।ସୂଚନା ଅନୁଯାୟୀ କମିଟିରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ସାମାଜିକ ନ୍ୟାୟ ତଥା ସଶକ୍ତିକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର, ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ମଧ୍ୟ ଏହି ସଦସ୍ୟ ଅଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନ୍ ମୋହନ ରେଡ୍ଡୀ, ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏବଂ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉକ୍ତ କମିଟିର ସଦସ୍ୟ ଅଛନ୍ତି ।କୌଣସି ବିଷୟ ବିଚାରକୁ ନିଆଯିବା ପୂର୍ବରୁ ଆନ୍ତଃରାଜ୍ୟ ପରିଷଦରେ ଏହାର କେନ୍ଦ୍ର-ରାଜ୍ୟ ସମ୍ପର୍କ ସମ୍ବନ୍ଧୀୟ ସମସ୍ତ ବିଷୟର ପ୍ରକ୍ରିୟାକରଣ କରିଥାଏ। ଆନ୍ତଃରାଜ୍ୟ ସମ୍ପର୍କ ସୁଦୃଢ଼ କରିବା ନିମନ୍ତେ ପରିଷଦର ସୁପାରିସ ଅନୁସାରେ ନିଷ୍ପତି ନିଆଯାଏ। ଏଗୁଡ଼ିକର କାର୍ଯ୍ୟକାରିତା ଉପରେ ମଧ କମିଟି ତଦାରଖ କରେ ଏବଂ ଏହାକୁ ଅଧକ୍ଷ କିମ୍ବା ପରିଷଦଦ୍ୱାରା ସୂଚିତ ଅନ୍ୟ ବିଷୟ ଉପରେ ବିଚାର କରେ ।

## ଏମ୍‌ସକୁ ଆସୁଛନ୍ତି ଟମାଟୋ ଫ୍ଲୁ ଲକ୍ଷଣ ଥିବା ରୋଗୀ

ଭୁବନେଶ୍ୱର, ୨୧।୫(ପି.ଏନ): ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ ଟମାଟୋ ଫ୍ଲୁ ଆଶଙ୍କା ବଢ଼ି ବଢ଼ି ଚାଲିଛି । ଭୁବନେଶ୍ୱର ଏମ୍‌ସକୁ ମଧ ଏହି ଫ୍ଲୁ ଭଳି ଲକ୍ଷଣ ଥିବା ରୋଗୀ ଆସୁଛନ୍ତି। ଏମିତି କି ପ୍ରତିଦିନ ୪ରୁ ୫ ଜଣ ଏଭଳି ଲକ୍ଷଣ ଥିବା ରୋଗୀ ଆସୁଛନ୍ତି। ପ୍ରାୟ ୨ ସପ୍ତାହ ହେବ ଏଭଳି ଲକ୍ଷଣ ଥିବା ରୋଗୀ ଏମ୍‌ସକୁ ଆସୁଛନ୍ତି ବୋଲି ଏମସ୍ ଆଡିସନାଲ ସୁପରିଂଟେଣ୍ଡେଂଟ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ କହିଛନ୍ତି ।କେରଳରେ ବର୍ତମାନ ସୁଦ୍ଧା ଟମାଟୋ ଫ୍ଲୁର ୮୨ଟି କେସ୍ ଚିହ୍ନଟ ହୋଇସାରିଲାଣି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାକୁ କୌଣସି ଆଡ଼ଭାଇଜାରି ଆସିନି କିମ୍ବା ସର୍ଭେଲାନ୍ସ କରିବାକୁ ଆଲର୍ଟ ବି ଜାରି କରାଯାଇନି। ତେଣୁ ବର୍ତ୍ତମାନ କୌଣସି ଆତଙ୍କିତ ହେବାର ନାହିଁ ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଆଶ୍ୱାସନା ଦେଇଛନ୍ତି। ଟମାଟୋ ଫ୍ଲୁ ପ୍ରସଙ୍ଗରେ ଡାକ୍ତର ଏବଂ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇଛି । ସେମାନଙ୍କ ମତ, ଟମାଟୋ ଫ୍ଲୁ ଏକ ଭ୍ଞାଇରାଲ ରୋଗ। ଏହା ଗ୍ରୀଷ୍ମଦିନରେ ହିଁ ହୁଏ। ଏହାର୍ଡ଼ ଲକ୍ଷଣ ହେଉଛି- ପିଲା ଖାଇବେ ନାହିଁ, ବାନ୍ତି ହେବ, ଦେହ ଯାକ ଫଳି ଯିବ, ନାଲି ପଡିଯିବ ଏବଂ ଜ୍ୱର ହେବ ।ଓଡ଼ିଶାରେ କେତେ କେସ୍ ଏଭଳି ଅଛି ଜାଣିବା ପାଇଁ ମେଡ଼ିକାଲ କଲେଜ ଗୁଡିକୁ ରିପୋର୍ଟ ମଗାଯାଇଥିଲା। ଆରଏମଆରସି ଏହି ଭାଇରାଲ ଭାଇରସର ଡିଟେକ୍ସନ ସହ ନମୁନା ସଂଗ୍ରହ କରି ପଠାଇବେ ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ଉଜ୍ଜ୍ୱଳା ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୨୦୦ ଟଙ୍କା ସବସିଡି



ନୂଆଦିଲ୍ଲୀ, ୨୧।୫: ପେଟ୍ରୋଲ ଓ ଡିଜେଲ ଭଳି କେନ୍ଦ୍ର ସରକାର ଉପର ମୁହାଁ ହୋଇଥିବା ରୋଷେଇ ଗ୍ୟାସ୍‌ର ଦାମ ମଧ୍ୟ ହ୍ରାସ କରିବାକୁ ଉଦ୍ୟମ କରିଛନ୍ତି। ଏଣିକି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସାମିଲ ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୨୦୦ ଟଙ୍କା ସବସିଡି ମିଳିବ। ବାର୍ଷିକ ୧୨ଟି ସିଲିଣ୍ଡର ଉପରେ ଏପରି ସବସିଡି ମିଳିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଟ୍ୱିଟ କରି ସୂଚ଼ନା ଦେଇଛନ୍ତି। ତେବେ ସାଧାରଣ ବର୍ଗରେ ଥିବା ଲୋକଙ୍କୁ ଗ୍ୟାସ୍ ? ଉପରେ କୌଣସି ପ୍ରକାରର ରିହାତି ମିଳିନି। ସେମାନେ ପୂର୍ବ ଭଳି ୧୦୦୦ରୁ ଅଧିକ ଦାମରେ ଗ୍ୟାସ୍ ସିଲିଣ୍ଡର କିଣିବେ ।ଅର୍ଥମନ୍ତ୍ରୀ କହିଛନ୍ତି, "ଚ଼ଳିତ ବର୍ଷ ଆମେ ଗ୍ୟାସ ସିଲିଣ୍ଡର ଉପରେ ୨୦୦ ଟଙ୍କାର ସବସିଡି ଦେବୁ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସାମିଲ ଥିବା ଦେଶର ୯ କୋଟି ହିତାଧିକାରୀ ୧୨ଟି ସିଲିଣ୍ଡର ଉପରେ ଏହି ସବସିଡି ପାଇବେ। ଏହା ଆମ ମା' ଓ ଭଉଣୀଙ୍କୁ ଆଶ୍ୱସ୍ତି ଦେବ। ଏହି ନୂଆ ସବସିଡି ଯୋଗୁ କେନ୍ଦ୍ର ସରକାର ବାର୍ଷିକ ପ୍ରାୟ ୬,୧୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ। ଏଥିସହ ଆମେ ବିଭିନ୍ନ ଦେଶରୁ ଆସୁଥିବା କଞ୍ଚା ମାଲ ଉପରୁ ମଧ ସୀମା ଶୁଳ୍କ ହ୍ରାସ କରାଯିବ। ଏହାଦ୍ୱାରା ଗୋଟିଏ ଜିନିଷର ଚୂଡାନ୍ତ ମୂଲ୍ୟ ହ୍ରାସ ପାଇବ।"

## ପେଟ୍ରୋଲ ୯.୫ ଟଙ୍କା ଓ ଡିଜେଲ ୭ ଟଙ୍କା ଶସ୍ତା ହେବ



ନୂଆଦିଲ୍ଲୀ ,୨୧।୫(ପି.ଏନ): କେନ୍ଦ୍ର ସରକାର ଦରଦାମ୍ ବୃଦ୍ଧିରୁ ଲୋକ ମାନଙ୍କୁ କିଛି ଆଶ୍ୱସ୍ତି ଦେବା ପାଇଁ ପେଟ୍ରୋଲ ଡିଜେଲ ଦାମ କମ କରିବାକୁ ନିଷ୍ପତି ନେଇଛନ୍ତି। ସରକାର ପେଟ୍ରୋଲ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ( ଏକ୍‌ସାଇଜ୍ ଡ୍ୟୁଟି) ପ୍ରତି ଲିଟର ପିଛା ୮ ଟଙ୍କା କମ୍ କରିବାକୁ ନିଷ୍ପତି ନେଇଛନ୍ତି । ଏହା ପରେ ସରକାର ଉଜ୍ଜଳା ଯୋଜନାରେ ପ୍ରତି ସିଲିଣ୍ଡର ପିଛା ୨୦୦ ଟଙ୍କାର ସବ୍‌ସିଡି ଦେବେ। ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାରଦିନ ଏହି ସୂଚନା ଦେଇଛନ୍ତି ।ନିର୍ମଳା ସୀତାରମଣ କହିଛନ୍ତି ସରକାରଙ୍କ ଏହି ନିଷ୍ପତିରେ ପେଟ୍ରୋଲ ଲିଟର ପିଛା ୯.୫ ଟଙ୍କା କମିବ ଓ ଡିଜେଲ ଲିଟର ପିଛା ୭ ଟଙ୍କା କମିବ। ସେ ଆହୁରି ମଧ୍ୟ କହିଛନ୍ତି ସରକାରଙ୍କର ଏହି ନିଷ୍ପତିରେ ବାର୍ଷିକ ଏକ ଲକ୍ଷ କୋଟି ଟଙ୍କାର ବୋଝ ସରକାର ଉପରେ ବଢିବ । ଉଜ୍ଜଳା ଯୋଜନାରେ ସରକାର ୧୨ଟି ସିଲିଣ୍ଡର ପର୍ଯ୍ୟନ୍ତ ପ୍ରତି ସଲିଣ୍ଡର ପିଛା ୨୦୦ ଟଙ୍କାର ସବ୍‌ସିଡି ଦେବେ ଯେଉଁଥିରେ ସରକାର ଉପରେ ବାର୍ଷିକ ୬୧୦୦ କୋଟି ଟଙ୍କାର ବୋଝ ପଡିବ।

## ରାଜୀବଗାନ୍ଧୀ ପ୍ରତିଭା ପୁରସ୍କାର




ଭୁବନେଶ୍ୱର, ୨୧।୫(ପି.ଏନ):ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସରେ ପ୍ରତିବର୍ଷ ଭୁବନେଶ୍ୱରରେ ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ତରଫରୁ ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ୨୧।୫।୨୦୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କ ସୁପାରିଶ କ୍ରମେ ଏମ୍.ବି.ଏସ୍. ପବ୍ଲିକ୍ ସ୍କୁଲ କବ୍ ଅୟାଂଶ ଦେଓ, ରାଇପଡା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ବୁଲ୍‌ବୁଲ୍ ସାଇସରଣ୍ୟା ପଣ୍ଡା, ସେଣ୍ଟ ଜୋସେଫ ହାଇସ୍କୁଲ ସ୍କାଉଟ ସ୍ୱୟମ ନାରାୟଣ ଆଚାର୍ଯ୍ୟ, ଡିଏଭି ପବ୍ଲିକ ସ୍କୁଲ ଗାଇଡ୍ ଆକ୍ରିତି ପଟ୍ଟନାୟକ, ଅଉଲ କଲେଜ ରୋଭର ରାହୁଲ କୁମାର ସାହୁ, ପିଏନ୍ କଲେଜ ରେଞ୍ଜର ଦିପ୍ତିମୟୀ ପ୍ରତିହାରୀ ପ୍ରମୁଖ ମୁଖ୍ୟ ଅତିଥି ମାନ୍ୟବର ସଭାପତି, ଓଡିଶା ପ୍ରଦେଶ କଂଗ୍ରେସ କମିଟି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଶ୍ରୀଯୁକ୍ତ ପବନ ଖେରା, ସମ୍ମାନୀତ ଅତିଥି ଭାବେ ରାଜ୍ୟସଭା ଏମ୍.ପି. ଶ୍ରୀଯୁକ୍ତ ନିରଜ ଡାଙ୍ଗି, ସମ୍ପାଦକ, ଏଆଇସିସି ଶ୍ରୀଯୁକ୍ତ ଜି. ରୁଦ୍ର ରାଜୁ, ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ରାଉତରାୟ, ଶ୍ରୀଯୁକ୍ତ ଅମିତାଭ ଚକ୍ରବର୍ତି, ସଭାପତି ଓଡିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ୍ ଫୋରମ୍ ଶ୍ରୀଯୁକ୍ତ ସତ୍ୟବ୍ରତ ନାୟକଙ୍କ ଠାରୁ ଫଳକ ଓ ମାନପତ୍ର ଦ୍ୱାରା ପୁରସ୍କୃତ ହୋଇଥିଲେ । ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ କବ୍,ବୁଲ୍‌ବୁଲ୍, ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜର ମାନଙ୍କର ଏହି ସଫଳତାରେ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ମେଡିକାଲ କଲେଜରେ ସିଟ୍ ନାଁରେ ଠକେଇ, ୨ ଗିରଫ

ଭୁବନେଶ୍ୱର, ୨୧।୫(ପି.ଏନ): ମେଡିକାଲ କଲେଜରେ ସିଟ୍ ଦେବା ନାଁରେ ଠକେଇ ଅଭିଯୋଗରେ ଦୁଇଜଣ ଠକକୁ ଗିରଫ କରିଛି କମିଶନରେଟ ପୋଲିସ। ଗିରଫ ୨ ଯୁବକ ହେଲେ ବିହାରର ଅଭିମନ୍ୟୁ କୁମାର ସିଂହ ଓ କୋଲକାତାର ସୁବୋଧ ଚୌଧୁରୀ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗତ ମେ ୫ ତାରିଖରେ ପଲ୍ଲବୀ ସାହା ନାମକ ଯୁବତୀଙ୍କୁ ଇନଫୋସିଟି ଅଂଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ପିଜି ସିଟ୍ ଦେବାକୁ କହି ୩୦ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ହୋଇଥିଲା। ଏହାପରେ ପୁଲିସ୍ ଘଟଣାର ଖୋଳତାଡ଼ ଆରମ୍ଭ କରି ଅଭିମନ୍ୟୁଙ୍କୁ ପାଟଣାରୁ ଓ ସୁବୋଧଙ୍କୁ କୋଲକତାରୁ ଗିରଫ କରିଛି। ସେମାନେ ସବୁବେଳେ ଛଦ୍ମ ନାମ ଅମିତ ବାନାର୍ଜୀ ଓ ବିକାଶ ରଞ୍ଜନରେ କାରବାର କରୁଥିଲେ। ଗିରଫ ପରେ ଦୁଇ ଅଭିଯୁକ୍ତଙ୍କ ପାଖରୁ ୧୧ ଲକ୍ଷ ଜବତ ହୋଇଛି। ୧୦ ବର୍ଷ ହେଲାଣି ଦୁଇ ଠକ ଲୋକଙ୍କୁ ଠକୁଥିବା ନେଇ ଜଣାପଡିଛି। ମେଡ଼ିକାଲ ପରୀକ୍ଷାର ରେଜଲ୍ଟ ଲିଷ୍ଟ ବାହାରିବା ପରେ ପ୍ରାର୍ଥୀଙ୍କୁ ଯୋଗାଯୋଗ କରୁଥିଲେ। ପ୍ରାଙ୍କ କଲ ଆପ ଜରିଆରେ ଫୋନ କରୁଥିଲେ ଠକ । ପ୍ରାଙ୍କ କଲ ଆପରେ କଲ କଲେ ଟ୍ରୁ କଲରରେ କୌଣସି ନାଁ ଆସୁ ନଥିଲା। ସେମାନେ ଫେକ ଅଧାର କାର୍ଡ଼ ଓ କାଗଜପତ୍ର ବ୍ୟବହାର କରି ହୋଟେଲ ଓ ଫ୍ଲାଇଟରେ ଆସୁଥିଲେ। ସେମାନେ ବିଭିନ୍ନ ରାଜ୍ୟରେ ଠକିଥିବା ନେଇ ଅଭିଯୋଗ ହୋଇଛି। ରିମାଣ୍ଡରେ ଆଣି ଜେରା କରାଯିବା ପରେ ଘଟଣା ଉପରୁ ପରଦା ହଟିବ ବୋଲି ପୋଲିସ କହିଛି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

# ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସଂଖ୍ୟାଲଘୁ କଂଗ୍ରେସ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚାହେଁ

ରାଉରକେଲା (ପିଏନ୍): ସଂଖ୍ୟାଲଘୁ ସମ୍ପ୍ରଦାୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚାହେଁ । ସଂଖ୍ୟାଲଘୁ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ତଥା ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସମ୍ମାନର ସହିତ ସାମିଲ୍ କରିବା ଦିଗରେ ଯଥାସମ୍ଭବ ସଂଖ୍ୟାଲଘୁ କଂଗ୍ରେସ ପ୍ରୟାସ କରେ ବୋଲି ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ କଂଗ୍ରେସ ବିଭାଗର ମୁଖ୍ୟ ଆଇନ୍‌ଜୀବୀ ଜିଆଉଲ ହକ୍ ତାଙ୍କ ରାଉରକେଲା ଗସ୍ତକାଳରେ ପ୍ରକାଶ କରିଛନ୍ତି । ଗତକାଲି ଆଇନ୍‌ଜୀବୀ ହକ୍ କିଛି ଘରୋଇ କାର୍ଯ୍ୟରେ ରାଉରକେଲା ଆସିଥିବା ବେଳେ ଅପରାହ୍ନରେ କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ଏହି ଅବସରେରେ ଜିଲ୍ଲା କଂଗ୍ରେସ ତରଫରୁ ଏକ ସଂକ୍ଷିପ୍ତ ସମାରୋହରେ ତାଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ସମୀମ, ଛାତ୍ର କଂଗ୍ରେସ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ବାରିକ, ଜିଲ୍ଲା କଂଗ୍ରେସର କାର୍ଯ୍ୟନିର୍ବାହୀ ରୁକସାନା ବେଗମ, ସାହିର ହୁସେନ, ପୂର୍ବତନ ଯୁବ ସଭାପତି ପ୍ରବୋଧ ଦାସ, ପୂର୍ବତନ ଛାତ୍ର ସଭାପତି ଶିବୁ ଦୀପ ପ୍ରମୁଖ ବକ୍ତବ୍ୟ ରଖି ଆଇନ୍‌ଜୀବୀ ହକ୍‌ଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗରେ ଜିଲ୍ଲାରେ ସଂଖ୍ୟାଲଘୁ ସଙ୍ଗଠନ ଅଧିକ ସୁଦୃଢ ହୋଇପାରିବ ବୋଲି ଆଶା କରିଥିଲେ । ବିଗତ ଦିନରେ ସଂଖ୍ୟାଲଘୁ କଂଗ୍ରେସ ରାଉରକେଲାରେ ବେଶ୍ ମଜବୁତ ଥିଲା । ନିଷ୍ଠାପର ନେତୃତ୍ୱ ମିଳିଲେ ଆଗାମୀ ଦିନରେ ଆହୁରି ଅଧିକ ସଙ୍ଗଠିତ ହୋଇପାରିବ ବୋଲି ଏହି ଅବସରରେ ବକ୍ତାମାନେ ପ୍ରକାଶ କରିଥିଲେ । ରାଉରକେଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ କଂଗ୍ରେସ ସରକାର ସମୟରେ ବିଭିନ୍ନ ପ୍ରକାରର ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବା ବେଳେ ଗତ ୨୨ ବର୍ଷ ଭିତରେ ବର୍ତ୍ତମାନର ସରକାର କେବଳ ସଂଖ୍ୟାଲଘୁମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ବକ୍ତାମାନେ ଏହି ଅବସରରେ ପ୍ରକାଶ କରିଥିଲେ । କେବଳ ନିର୍ବାଚନ ଆସିଲେ ବିଭିନ୍ନ ଫନ୍ଦିଫିକର କରି ଶାସକ ବିଜେଡି ସଂଖ୍ୟାଲଘୁଙ୍କ ଭୋଟ୍ ହାତେଇବା ସହିତ କ୍ଷମତାକୁ ଆସିଛି ବୋଲି ନେତୃବୃନ୍ଦ ପ୍ରକାଶ କରି ଆଗାମୀ ଦିନରେ ଏଥିପ୍ରତି ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇଭଉଣୀମାନେ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଶ୍ରୀ ସେନାପତି ଆଇନ୍‌ଜୀବୀ ହକ୍‌ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଧ୍ୟକ୍ଷ ମହୋଦୟଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଆଜ ଅହମ୍ମଦ, ଏମ୍‌ଡି ମୁର, ସାକିର ହୁସେନ, ବିଜୟ ପୁରୋହିତ, ବାସୁ ବାନାର୍ଜୀ, ଇଜାଜ ଅକତର, ବାବୁ ଖାନ, ଏମ୍‌ଡି ଇମାମ, ଦିଲ୍ଲୀପ ଜେନା, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସେବାଦଳର ବୁଲୁ ଦାସ, ଜିଲ୍ଲା କଂଗ୍ରେସର ରେହେମାନ ଖାନ, ସୋନୁ ସାହୁ, ସଦାବ ଅହମ୍ମଦ, ପପୁ ଖାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଅଧ୍ୟକ୍ଷ ଆଇନ୍‌ଜୀବୀ ହକ୍‌ଙ୍କୁ ସ୍ୱାଗତ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଏଚପିସିଏଲ ପକ୍ଷରୁ ଫକୀରମୋହନ ମେଡିକାଲ କଲେଜକୁ ସିଏଲଆଇଏ ଓ ଏ-ସ୍କାନ ମେସିନ ପ୍ରଦାନ

ବାଲେଶ୍ୱର (ପିଏନ୍)-ରାଷ୍ଟ୍ରାୟତ ତୈଳ ଉଦ୍ୟୋଗ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ) ପକ୍ଷରୁ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ରକ୍ତ ପରୀକ୍ଷା ପାଇଁ ଏକ ସିଏଲଆଇଏ ମେସିନ୍ ଓ ଚକ୍ଷୁ ପରୀକ୍ଷା ପାଇଁ ଏ-ସ୍କାନ ମେସିନ ପ୍ରଦାନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ବିଭାଗରେ ସ୍ଥାପିତ ଏହି ମେସିନ୍‌କୁ ଗତକାଲି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଉଦଘାଟନ କରିଥିଲେ । ଏହା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ଯୋଗ ଦେଇ ଏହି ମେସିନ୍ ଦ୍ୱାରା ବାଲେଶ୍ୱର ଜିଲ୍ଲା ସମେତ ଆଖପାଖ ଜିଲ୍ଲା ଓ ପଡୋଶୀ ରାଜ୍ୟର ରୋଗୀମାନେ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟ ଡା. ସୁଜାତା ମିଶ୍ର, ଏଚପିସିଏଲ ଡିଜିଏମ ଶ୍ରୀ ପ୍ରବୀର କୁମାର ରାୟ, ବାଲେଶ୍ୱର ମୁଖ୍ୟ ଡିପୋ ମ୍ୟାନେଜର ଶ୍ରୀ ଗୁରୁବଚନ ସିଂହ, ଏଚପିସିଏଲ ବାଲେଶ୍ୱର ଶାଖା ମ୍ୟାନେଜର ଶ୍ରୀ ମୁକେଶ କୁମାର ଏବଂ ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସିଏଲଆଇଏ ଓ ଏ-ସ୍କାନ ମେସିନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱର ମେଡିକାଲ କଲେଜରେ ଏହି ଭଳି ମେସିନର ଆବଶ୍ୟକତାକୁ ହୃଦୟଙ୍ଗମ କରି ସହଯୋଗର ହାତ ବଢାଇଥିବାରୁ ଏଚପିସିଏଲ କର୍ତୃପକ୍ଷଙ୍କୁ ଜିଲ୍ଲାପାଳ ଓ ଉପସ୍ଥିତ ଅଧିକାରୀମାନେ ସାଧୁବାଦ ଜଣାଇବା ସହ ଏହିଭଳି ସହଯୋଗ ଆଗକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସିଏଲଆଇଏ ମେସିନ ସାହାଯ୍ୟରେ ଏକ ସଙ୍ଗେ ବିଭିନ୍ନ ବର୍ଗର ରକ୍ତ ଓ ଶରୀରରେ ହରମୋନର ମାତ୍ରା ପରୀକ୍ଷା ସ୍ୱଳ୍ପ ସମୟ ମଧ୍ୟରେ କରାଯାଇପାରିବ ବୋଲି ଅଧିକ୍ଷକ ଡାକ୍ତର ମିଶ୍ର ସମସ୍ତଙ୍କୁ ଅବଗତ କରାଇଥିଲେ । ବିଶେଷ କରି ରୋଗର ନିଦାନ ପାଇଁ ସ୍ୱଳ୍ପ ସମୟ ମଧ୍ୟରେ ଟେଷ୍ଟ ରେଜଲ୍ଟ, ସଠିକ ନିରୂପଣ, ଘଂଟା ପ୍ରତି ୧୮୦ଟି ସ୍ୟାମ୍ପଲ ଟେଷ୍ଟ ପ୍ରଭୃତି ବୈଶିଷ୍ଟ୍ୟତା କାରଣରୁ ସିଏଲଆଇଏ ମେସିନ ବ୍ୟସ୍ତବହୁଳ ବାଲେଶ୍ୱର ମେଡିକାଲ କଲେଜ ହସପିଟାଲ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିଲା ବୋଲି ଡାକ୍ତର ମିଶ୍ର କହିଥିଲେ । ସେହିପରି ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁର ସଠିକ ନିଦାନ ପାଇଁ ଅଲଟ୍ରାସାଉଣ୍ଡ ଯୁକ୍ତ ଏ-ସ୍କାନ ମେସିନ ମଧ୍ୟ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଏଚପିସିଏଲ କର୍ତୃପକ୍ଷ ମେସିନ ଦୁଇଟିକୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ । ଏଚପିସିଏଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ଦୁଇଟି ମେସିନ ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କମ୍ପାନୀ କର୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଏଚପିସିଏଲ ରିଟେଲର ଶ୍ରୀ ଜଗନ୍ନାଥ ସର୍ଭିସ ସେଂଟରର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଓ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିବା ବେଳେ ଡିପିଏମ ଶ୍ରୀ ଅନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ପାଇଁ ଦୁଇଟି ନିରୀହ ଗାଈର ଜୀବନ ଗଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ କଣ୍ଟିପାଳ ଗ୍ରାମରେ ଗୋଟିଏ ଦିନରେ ନକଲି ଡାକ୍ତର ଭୁଲ ଇଞ୍ଜେକ୍ସନ ଦେବାରୁ ଦୁଇଟି ନିରୀହ ଗାଈର ଜୀବନ ଚାଲିଗଲା । ସୂଚନା ଅନୁସାରେ କଣ୍ଟିପାଳ ଖିଲାର ସାହିର ଜଗନ୍ନାଥ ବାରିକଙ୍କ ଗାଈଟିର ଦେହ ଅସୁସ୍ଥ ହେବାରୁ ନକଲି ଡାକ୍ତର ବାବୁ ପହଂଚି ୪ଟି ଇଞ୍ଜେକ୍ସନ ଦେଇଥିଲେ ଏବଂ ସେହି ଗ୍ରାମର କଲନି ସାହିର ବାଇନ ନାହାକଙ୍କ ଗାଈ ଅସୁସ୍ଥ ଥିବାବେଳେ ସେହି ଡାକ୍ତର ସେଠାରେ ପହଂଚି ଭଲ ହୋଇଯିବ କହି ୪ଟି ଇଞ୍ଜେକ୍ସନ ଦେଇଥିବାରୁ ସେମାନେ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି । ଡାକ୍ତର ବାବୁଙ୍କ ଘର କଣ୍ଟିପାଳ ମଠସାହି ଗ୍ରାମର ବୀରକିଶୋର ଦାସ ବୋଲି ଜଣାପଡିଛି । ସେ ଦୀର୍ଘଦିନ ଦେବ ବୁଲି ବୁଲି ପଶୁମାନଙ୍କ ଚିକିତ୍ସା କରନ୍ତି । ଅନେକ ଭଲ ହୁଅନ୍ତି, ଅନେକଗୁଡିଏ ଆଗରୁ ମରିଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଏବେ ଗୋଟାଏ ଦିନରେ ଦୁଇ ଦୁଇଟି ଗାଈ ମରିବାକୁ ନେଇ ଗ୍ରାମରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ଆଗାମୀ ଦିନରେ ଏପରି ନିରୀହ ପଶୁଙ୍କ ଯେପରି ଜୀବନ ନଯାଏ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ପଂଚାୟତବାସୀ ଦାବି କରିଛନ୍ତି । ଆନନ୍ଦପୁର ପୋଲିସ୍ ପକ୍ଷରୁ ନକଲି ଡାକ୍ତରଙ୍କୁ ଗିରଫ କରାଯିବା ସହିତ କେଶ୍ ନଂ ୯୫/୨୩.୦୪.୨୦୨୨ ଆଇପିସି ୪୧୯/୪୨୦ରେ ଏକ ମାମଲା ରୁଜୁ କରାଯାଇ ଆନନ୍ଦପୁର ପୋଲିସ୍ ଅଧିକ ତଦନ୍ତ ଜାରି ରଖିଛି ।

## ମୋନାଲିସା ସାହିତ୍ୟ ସଂସଦର ବିଷୁବ ଆସର




ପାରାଦୀପ (ପିଏନ୍)-ଯୁଗ ଯୁଗ ଧରି କବିତା ମାନବ ସମାଜର ସହଯାତ୍ରୀ ଭଳି ସାଥିରେ ରହି ମାନବିକତା ନିର୍ମାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ଓଡିଆ ନବବର୍ଷ ଓ ବିଷୁବ କବିତା ଆସର ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକା ହାରାମଣି ମହାପାତ୍ର ପୌରୋହିତ୍ୟ କରିଥିଲେ । ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ସିନେ ପ୍ରଯୋଜକ ଡ. କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ । କବୟିତ୍ରୀ ଗୋଲାପରାଣୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପଚାଶରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ମୋନାଲିସା ସାହିତ୍ୟ ସଂସଦର ସଂପାଦିକା ସଂଘମିତ୍ରା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କବୟିତ୍ରୀ ପ୍ରଭାତୀ ମାଝୀ ।

## ବାତୋ ବକୁଳି ମଠରେ ଅଷ୍ଟପ୍ରହର ନାମଯଜ୍ଞ

ଆନନ୍ଦପୁର (ପିଏନ୍): ବାତୋ ବକୁଳି ମଠରେ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବାବା ମନମୋହନ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ବାତୋ ଗ୍ରାମବାସୀଙ୍କ ଦ୍ୱାରା ଏହି ନାମ ସଂକୀର୍ତ୍ତନରେ କରଡାପାଳ, ପରମାନନ୍ଦପୁର, ନୟାଗଡ, ଲୁଣିଆପାଟଣା, ମଧୁକେଶରୀ, ଅଣତିରା, ପଞ୍ଚହରା, ହାତୀବନ୍ଧା, ମାଛକିରି, ବାବା ବକୁଳି ଗୋସ୍ୱାମୀ ସଂକୀର୍ତ୍ତନ ଦଳ ଦ୍ୱାରା ନାମ ପରିବେଷଣ କରାଯାଇଥିଲା । ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଭାଗବତ ପାଠ କରିଥିଲେ । ନଗର ପରିକ୍ରମାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ନାମ ସଂକୀର୍ତ୍ତନ, ଭୁରୀଭୋଜନ, ମିଷ୍ଟାନ୍ନରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମୁରଲୀଧର ପରିଡା, କରୁଣାକର ମାଝୀ, ହିମାଂଶୁ ଶେଖର ନାୟକ, ନାରାୟଣ ନାୟକ, ଚିତ୍ତରଂଜନ ମାଝୀ, ମଦନ ଦଳେଇ, ନିରଂଜନ ଦଳେଇ, କୋଦଣ୍ଡଧର ସା, ସନାତନ ବେହେରା, ଅର୍ଜୁନ ଚରଣ ନାଏକ, କେଶବ ଚନ୍ଦ୍ର ବେହେରା, ତପନ କୁମାର ବେହେରା, ବାବୁଲି ବାରିକ, ଆନନ୍ଦଚନ୍ଦ୍ର ବାରିକ,ଶରତ ଚନ୍ଦ୍ର ଦେହୁରୀ, ସନାତନ ପଢିଆରୀ, ଚିନ୍ତାମଣୀ ନାଏକ, ପ୍ରଭାକର ଦଳେଇ, ଭରତ ଚନ୍ଦ୍ର ଦେହୁରୀ, ସନାତନ ସାହୁ, ମଥୁରୀ ବାରିକ, ଚୈତନ ଚରଣ ପରିଡା, ବାଇଧର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ଆଦି ଶକ୍ତିପୀଠ ମା' ତାରାତାରିଣୀ



**ଭା**ରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ । ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର ।





ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ । ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ । ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ । ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ । ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ । ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ । ମାତ୍ର କୌଣସି ପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ । ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା । ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ । ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ । ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ । ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଦେବ ଦେବୀ ମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ବ୍ରହ୍ମା ଓ ବିଷ୍ଣୁଙ୍କୁ ଅନୁରୋଧ କଲେ । ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ । ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖୀରୁ ବର୍ତିବ ନାହିଁ । ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା' ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା । ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ । ଏଥିରେ ସହାୟତା କଲେ ଭଗବାନ ଭୈରବ । ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଇଥିଲେ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ । ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି । ତେବେ ମା'ଶକ୍ତିଙ୍କର ଯେଉଁ ଅଂଶଗୁଡ଼ିକ ପ୍ରଥମ ୪ଟି ସ୍ଥାନରେ ପଡ଼ିଲା, ସେଗୁଡ଼ିକ ଆଦିପୀଠ ନାମରେ ପରିଚିତ ବୋଲି କୁହାଯାଏ । ସେହି ଆଦିପୀଠ ହେଲେ, (୧)ପୁରୀ ମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ (ସ୍ତନଖଣ୍ଡ), (୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ (ଯୋନିଖଣ୍ଡ), (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ) । ତେବେ ଓଡ଼ିଶାରେ ଉପରୋକ୍ତ ୨ଟି ଆଦି ଶକ୍ତି ପୀଠ ରହିଥିବାବେଳେ ଗୋଟିଏ ମହା ଶକ୍ତିପୀଠ ମା' ବିରଜା ରହିଛନ୍ତି । ତେବେ ଏହି ଆଦି ଶକ୍ତି ପୀଠଗୁଡ଼ିକ ମଧ୍ୟରେ ଗଞ୍ଜାମର ତାରାତାରିଣୀ ପୀଠ ଅନ୍ୟତମ । ମନ୍ଦିରର ଗର୍ଭଗୃହରେ ଚାରିଜଣ ଦେବୀ ପୂଜା ପାଉଛନ୍ତି । ତାଙ୍କ ମୁଖମଣ୍ଡଳରେ ସୁନା ଅଳଂକାର ଓ ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲମାଳ ଶୋଭା ପାଉଛି । ମା' ତାରା ଓ ତାରିଣୀ, ଏହି ଦୁଇ ଭଉଣୀଙ୍କ ମହାତ୍ମ୍ୟ ସାରା ଦେଶରେ ଜଣାଶୁଣା । ମା' ତାରା ଓ ତାରିଣୀ ଲୋକଙ୍କ ସୁରକ୍ଷା ପାଇଁ ଆବିର୍ଭାବ ବୋଲି କୁହାଯାଏ ।





ତେବେ ଏହି ଶକ୍ତିପୀଠର ସୁରକ୍ଷା ପାଇଁ ଏକ ମନୋରମ ମନ୍ଦିର କେଉଁ କାଳରୁ ପ୍ରତିଷ୍ଠା ହୋଇଥିଲା । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ମନ୍ଦିରର ନୂଆ ରୂପ ଓ ବିକଶିତ ପରିବେଶ ଦେଶ ବିଦେଶର ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାରେ ସହାୟକ ହେବ । ଗଂଜାମ ଜିଲ୍ଲାର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ । ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିକଶିତ ବିଭିନ୍ନ ସୁବିଧା ସୁଯୋଗର ଲୋକାର୍ପିତ କରିବା ସହ ଋଷିକୂଲ୍ୟା ନଦୀତଟ ଉନ୍ନତିକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ । ମାତା ତାରାତାରିଣୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗଂଜାମ ଜିଲ୍ଲା ପାଇଁ ଉତ୍ସବମୁଖର ହୋଇଥିଲା । ଚାରିଆଡୁ ଏହି ପୀଠକୁ ଲୋକମାନଙ୍କର ସୁଅ ଛୁଟିଥିଲା । କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନବନିର୍ମିତ ମନୋରମ ମନ୍ଦିରର ଶୋଭାକୁ ବହୁଗଣିତ କରିଛି । ପବିତ୍ର ମନ୍ତ୍ରଧ୍ୱନି ଉଚ୍ଚାରଣ ତଥା ମଙ୍ଗଳ ବାଦ୍ୟର ନିନାଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରତିଷ୍ଠା ଉତ୍ସବରେ ପୁରି ଜଗନ୍ନାଥ ମନ୍ଦିର ସମେତ ରାଜ୍ୟର ବିଭିନ୍ନ ମନ୍ଦିରର ସେବାୟତମାନେ ମଧ୍ୟ ଏଥିରେ ଯୋଗଦେଇଥିଲେ । ଏହି ଭବ୍ୟ ମନ୍ଦିର ନିର୍ମାଣରେ ବିଶିଷ୍ଟ ସ୍ଥପତି ପଦ୍ମଭୂଷଣ ସ୍ୱର୍ଗତଃ ରଘୁନାଥ ମହାପାତ୍ରଙ୍କର ବିଶେଷ ଅବଦାନ ରହିଥିଲା । ତେବେ ଏହି ଭବ୍ୟ ମନ୍ଦିର ନିର୍ମାଣରେ ସହଯୋଗ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରଶଂସା କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା ।

ବ୍ରହ୍ମପୁରଠାରୁ ୩୦ କି.ମି. ଦୂର ଋଷିକୂଲ୍ୟା ନଦୀ କୂଳରେ ମା' ତାରାତାରିଣୀଙ୍କ ପୀଠ ଅବସ୍ଥିତ । କୁମାରୀ ପାହାଡ଼ର ସର୍ବୋଚ୍ଚ ଶିଖରରେ ଦୁଇ ଦେବୀ ମା' ତାରା ଓ ତାରିଣୀ ପୂଜା ପାଉଛନ୍ତି । ଏହି ପୀଠକୁ ଏକ ନୂଆ ରୂପ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ ସାକାର ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ଗଞ୍ଜାମ ଜିଲ୍ଲାପାଳ ଥିବାବେଳେ ମନ୍ଦିର ରୂପାନ୍ତରର ଭୂମି ପୂଜନ କରାଯାଇଥିଲା । ପୂର୍ବରୁ ଭକ୍ତମାନେ ପାହାଡ଼ ଚଢି ମା'ଙ୍କ ଦର୍ଶନ ପାଇଁ ଯାଉଥିଲେ । ମାତ୍ର ଏବେ ସେଠାରେ ରୋପ୍‌ୱେ ସହ ପୀଠକୁ ସୁନ୍ଦର ରାସ୍ତା ମଧ୍ୟ ତିଆରି ହୋଇଛି ।

ମୁଖ୍ୟ ମନ୍ଦିର ଭିତରେ ଥିବା ୨ଟି ମୁହଁ ଅବିକଳ ଦେବୀଙ୍କ ଭଳି ଦେଖାଯାଆନ୍ତି । ସନ୍ଧ୍ୟାରେ ମା'ଙ୍କର ଆଳତୀ ହୁଏ । ପରେ ଫଳଫୁଲ ଅର୍ପଣ କରାଯାଇ ଦେବୀମାତାଙ୍କର ମାର୍ଜନା ହୁଏ । ଏହି ସମୟରେ ନିୟମ ଅନୁସାରେ ଭକ୍ତମାନେ ଉକ୍ତ ଦୁର୍ଲ୍ଲଭ ଦୃଶ୍ୟକୁ ଦେଖିବା କିମ୍ବା ଫଟୋ ଉଠାଇବା ନିଷେଧ ରହିଛି । ସୁଖର କଥା ଯେ, ଏହି ମହାନ ଆଦି ଶକ୍ତିପୀଠର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଶକ୍ତିପୀଠର ଚତୁଃପାର୍ଶ୍ୱ ସମେତ ସିଂହଦ୍ୱାର, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦେବୀଦର୍ଶନ, ସର୍ବସାଧାରଣ ଟଏଲେଟ୍, ପାନୀୟ ଜଳ ଓ ଶକ୍ତିପୀଠକୁ ଗମନାଗମନ ବ୍ୟବସ୍ଥାର ନବୀକରଣ କରାଯାଇଛି । ସେହିପରି ମନ୍ଦିର ପରିସରରେ ପ୍ରସାଦ ସେବନ ଗୃହ, ପ୍ରତୀକ୍ଷାଳୟ, ସାଧାରଣ ଭୋଜନାଳୟ, ମନ୍ଦିର ଭିତରକୁ ସୁବିଧାରେ ପ୍ରବେଶ, ବସିବା ପାଇଁ ବେଂଚ, ପୋଲିସ୍ ଆଉଟ୍ ପୋଷ୍ଟ, ଚିକିତ୍ସାକେନ୍ଦ୍ର, ଆରାଧନା ଗୃହ ଆଦି ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପଦକ୍ଷେପ ନେଇଛନ୍ତି । ଆଦି ଶକ୍ତିପୀଠର ନବୀକରଣ ଓ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ଓଡ଼ିଆ ଢଙ୍ଗରେ ହୋଇଛି ତଥା ହୋଇ ଚାଲିଛି, ଯାହା ଦେଶର ସବୁଠୁ ଆକର୍ଷକ ଓ ତୀର୍ଥଯାତ୍ରୀ ତଥା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ତୀର୍ଥଯାତ୍ରୀ ଓ ସାଧାରଣରେ ବିଶ୍ୱାସ ରହିଛି ଯେ, ଏଠାରେ କୌଣସି ଭକ୍ତ ବା ଶ୍ରଦ୍ଧାଳୁ ନିଷ୍ଠାର ସହ ମା'ଙ୍କର ପୂଜାର୍ଚ୍ଚନା କଲେ, ନିଜର ଜୀବନକାଳ ମଧ୍ୟରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ସହିତ ସବୁକିଛି ପାଇପାରିବେ । ଏହି ବିଶ୍ୱାସରେ ନିଜର ମନୋସ୍କାମନା ପୂରଣ ପାଇଁ ମା'ଙ୍କର ପୂଜା-ଆରାଧନା କରିବାକୁ ପ୍ରତିଦିନ ଏହି ଆଦି ଶକ୍ତିପୀଠକୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଆସିଥା'ନ୍ତି ।





digitalsketch.photography

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୮




# କୋକିଳ ମହାନ୍ତି : ଗୋଟେ ହାରିଯାଇଥିବା ଝିଅ



ବିପ୍ଳବ

– ' ତିନୋଟି ମିସଡ଼ କଲ... ପୁଣି ଅଜଣା ନମ୍ବରରୁ ! କିନ୍ତୁ ଟିକିଏ ବି ତ ଶୁଭିନି ? ବୋଧହୁଏ ବାଥ୍ ରୁମର ସାୱାର ଖୋଲାଥିବା ଯୋଗୁଁ ମିସ୍ ହେଇ ଯାଇଚ଼ି ସାଉଣ୍ଡ୍ । କିଏ ହେଇପାରେ ? ଟ୍ରୁ କଲର ଆକ୍ଟିଭ କରି ଦେଖିଲେ ଇନ୍ସପେକ୍ଟର ନାୟକ ସୋ ( show ) କରୁଛି ।

ତା ମାନେ କଣ ଥାନାରୁ କଲ୍ ଆସିଥିଲା !

ବିଚ଼ଳିତ ଜଣା ପଡ଼ିଲେ କୋକିଳ ମହାନ୍ତି। ସାୱାର ତଳେ ଅଧ ଘଂଟାଏ ଠିଆହୋଇ ଦେହକୁ ଥଣ୍ଡା କରିଥିଲେ ବି ହଠାତ୍ ଶରୀରର ତାପମାତ୍ରା ବଢିବା ପରି ଅନୁଭବ ହେଲା । ଯେମିତି ହଟ୍ ଓଭେନ୍। ମିରର ସାମ୍ନାରେ ଠିଆହୋଇ ନିଜ ମୁହଁକୁ ଲକ୍ଷ୍ୟ କଲେ, କପାଳ ଆଉ ଗାଲ ସାରା ବିନ୍ଦୁ ବିନ୍ଦୁ ସ୍ୱେଦ । ରୁମ୍ ର ଏସି ଅନ୍ ଥିଲା ।

କଲ୍ ବ୍ୟାକ୍ କରିବେ ନା କରିବେନି ଏମିତି ଭାବନା ଭିତରେ ପୁଣି ଥରେ ସେଇ ନମ୍ବରରୁ କଲ୍ ଆସିଲା ।ହଁ ନାହିଁର ଭାବନା ଭିତରେ କଲ୍ ରିସିଭ୍ କଲେ ।

– 'ହ୍ୟାଲୋ.. ହଁ ସାର୍.. ହଁ ସାର୍.. କୋକିଳ ମହାନ୍ତି.. ବିରଜା ପ୍ରସାଦ ପଣ୍ଡାଙ୍କ ୱାଇଫ.. କଣ ହେଲା.. ଓଃ.. ନୋ...।'

ମନର ବ୍ୟସ୍ତତା ବ ?ଯିବା ପରି ଲାଗିଲା କୋକିଳ ମହାନ୍ତିଙ୍କର । ଝଡ଼ ପରି ସେ ଘରୁ ବାହାରିଗଲେ , ଆଉ ଚ଼ିଲେଇବାକୁ ଲାଗିଲେ – ଲୁନା.. ଲୁନା..

– ମାଡାମ ।

– ଗାଡି ବାହାର କର । ଉତ୍ତମ ଶାସନ ଦେଖିଚ଼ ନା ? ଆମର ଯୋଉଠି କନଷ୍ଟ୍ରକସନ୍ କାମ ଚ଼ାଲୁଚ଼ି, ସେଇ ବିରୂପା ନଈ କୂଳରେ ?

କାଜୁ ଫିଲିଡ଼ର ଧୂଳି ଧୂସରିତ ମୋରମ୍ ରାସ୍ତା ଅତିକ୍ରମ କରି ଗାଡି ପହଂଚ଼ି ଗଲା ସେଇ ଉତ୍ତମ ଶାସନର ବିରୂପା ନଈ କୂଳରେ । ସ୍ଥାନଟି ଲୋକାରଣ୍ୟ ଥିଲା । ପୋଲିସ ଭ୍ୟାନ୍ ବି ଆଗରୁ ପହଞ୍ଚି ଯାଇଥିଲା। ତା ସହିତ ଆମ୍ବୁଲାନ୍ସ ବି। ଆଠ ଦଶ ଜଣ ପୋଲିସ କର୍ମଚ଼ାରୀ ଥିଲେ। ସମସ୍ତଙ୍କୁ ଦୁଇ ହାତରେ ଆଡେଇ ଆଗକୁ ଅଗ୍ରସର ହେଲେ କୋକିଳ ମହାନ୍ତି ।ନଦୀ କୂଳରେ ଚୁଠ ନଥିବା ଗୋଟେ କଡକୁ ପଡିଥିଲା ବିରଜା ପ୍ରସାଦ ପଣ୍ଡା ଓରଫ ବିଲ୍ଲୁର ଶବ ।

ଭୋ ଭୋ ହେଇ କାନ୍ଦିବାକୁ ଲାଗିଲେ କୋକିଳ ମହାନ୍ତି। ସେ ଛାତିଫଂଟା କାନ୍ଦରେ ଯେମିତି ବିରୂପା ନଈର ଛାତି ଚ଼ହଲି ଯିବ ! ଦୁଇଜଣ ମହିଳା ପୋଲିସ କର୍ମଚ଼ାରୀ ତାଙ୍କୁ ଭିଡି ଅଲଗା କରିବାକୁ ଚେଷ୍ଟା କରୁଥିଲେ । କେଶ ବାସ ଅସମ୍ଭାଳ ।ଭୂଇଁରେ ଲୋଟି ପଡି ମାଟି ସାଉଁଟି ପକାଉଥିଲେ । ଦେଖିବା ଲୋକର ହୃଦୟ ଫାଟିଯିବ ।ତାଙ୍କୁ ସାନ୍ତ୍ୱନା ଦେଉଥିଲେ ଡ୍ରାଇଭର ଲୁନା ।

ପୋଲିସ ଲକ୍ଷ୍ୟ କଲା ଶବ ଦେହରେ ସାମାନ୍ୟ କ୍ଷତ ବି ନାହିଁ ।ଦେହର ପୋଷାକ ପତ୍ର ଠିକଠାକ ଅଛି । ପାଦରେ ଜୋତା ସେମିତି ଅଛି । ହାତର ବ୍ରେସଲେଟ୍ ଆଉ ବେକର ଚେନ୍ ବି ସୁରକ୍ଷିତ ଅଛି। ଡେଡ୍ ବଡ଼ିକୁ ଆମ୍ବୁଲାନ୍ସରେ ପଠେଇ କୋକିଳ ମହାନ୍ତିଙ୍କଠୁ କିଛି ଜାଣିବାକୁ ଚ଼ାହିଁଲେ ପୋଲିସ ।

– କଣ ହେଇପାରେ ମୃତ୍ୟୁ ପଛର ରହସ୍ୟ ? ହତ୍ୟା ନା ଆତ୍ମହତ୍ୟା ନା ଅପମୃତ୍ୟୁ, କା ସହ ଶତ୍ରୁତା ?

କୋକିଳ ମହାନ୍ତି ସେମିତି କାନ୍ଦୁଥିଲେ । ଲୁହ ଅବିଶ୍ରାନ୍ତ ଭାବରେ ବୋହି ଚ଼ାଲୁଥାଏ ।

–:ମାଡାମ, ଆପଣ ଆମକୁ ହିଣ୍ଟସ୍ ଦେଲେ ଆମେ ଅପରାଧୀ ନିକଟରେ ପହଂଚ଼ିବାକୁ ସହଜ ହେବ । ଆମେ ତ ଆଉ ଆପଣଙ୍କ ସିନ୍ଦୁର ଫେରେଇ ପାରିବୁନି ମାତ୍ର ନ୍ୟାୟ ଦେବାପାଇଁ ନିଶ୍ଚୟ ଚେଷ୍ଟା ଜାରି ରଖିବୁ ।

– ଏ ଜାଗା କିଣିବା ସମୟରେ ଗାଁ ଲୋକ କିଛି ବିରୋଧ କରୁଥିଲେ ।ଯେଉଁଦିନ କନଷ୍ଟ୍ରକସନ୍ କାମ ପାଇଁ ଭୂମି ପୂଜା ହେଲା କିଛି ଲୋକ ଗଣ୍ଡଗୋଳ ବି କରିଥିଲେ । ମୁଁ ଆଉ କଣ କହିବି ?

ପୁଣି ଭୋ ଭୋ କାନ୍ଦିବାକୁ ଲାଗିଲେ । ପୋଲିସ ବେଶି କିଛି ପଚ଼ାରିବାକୁ ଉଚ଼ିତ ମନେ କଲେନି।

ବିରଜା ପ୍ରସାଦ ପଣ୍ଡା ଓରଫ ବିଲ୍ଲୁ ଭୁବନେଶ୍ୱରରେ ଜଣେ ଜଣାଶୁଣା ବିଲଡର । ବୟସ ବେଶି ନୁହେଁ । ବାପା ଭିଜିଲାନ୍ସ ଜାଲରେ ଧରାପଡି ଜେଲରେ ସଢ଼ି ଜୀବନ ହାରିଲେ । ପୈତୃକ ସମ୍ପତ୍ତିରୁ କିଛି ହାତେଇ ଜମି ଦଲାଲି କରି ଏବେ ସେ ବଡ଼ ଲୋକ। ଖୁବ କମ୍ ସମୟ ମଧ୍ୟରେ ସ୍ଥାନୀୟ ବିଧାୟକ ଆଉ ପ୍ରଶାସନିକ ଅଧିକାରୀ ଯଥା ଆର.ଆଇ ଆଉ ତହସିଲଦାରଙ୍କୁ ହାତକରି କିଛି ଗୋଚ଼ର ଆଉ ଅନାବାଦୀ ଜମିକୁ ନିଜ ନାମରେ ପଟା କରି ଠିଆ କରିଥିଲା ବିଲ୍ଲୁ ଆପାର୍ଟମେଣ୍ଟ । କମ୍ ସମୟ ମଧ୍ୟରେ ଅନେକ ସମ୍ପତ୍ତିର ମାଲିକ ହୋଇଥିବା ଯୋଗୁଁ ଅନେକ ଶତ୍ରୁ ବି ଅଜାଣତରେ ସୃଷ୍ଟି ହେଇଥିଲେ । ମାତ୍ର ସେଥି ପ୍ରତି ସେ ଭୟଭୀତ ନଥିଲା। ସେ ନିଜେ ବେଶି କିଛି ପାଠ ପଢ଼ି ନଥିଲା। ଖୁବ୍ କମ୍ ବୟସରୁ ସେ ଗୋଡ଼ ଧରିବାଠୁ ବେକ ଧରିବା ଯାଏଁ ସବୁ କାମରେ ଧୁରନ୍ଧର ହେଇ ସାରିଥିଲା। ଅନେକ ଜବରଦଖଲରେ ସଫଳ ହେବା ପରେ ତାର ଆଖି ପଡିଥିଲା କୋକିଳ ମହାନ୍ତି ଉପରେ । ଭୁବନେଶ୍ୱରସ୍ଥିତ ଗୋଟିଏ ଘରୋଇ ରେସିଡେଣ୍ଟିଆଲ କଲେଜରେ ପଢୁଥିବା କୋକିଳ ମହାନ୍ତି ଯେମିତି ସୁନ୍ଦରୀ ସେମିତି ମେଧାବୀ । ତା ପଛରେ କଲେଜର ଅଧିକାଂଶ ପୁଅ ପାଗଳ ଥିଲେ ମାତ୍ର କଣ ପାଇଁ ବିଲ୍ଲୁ ପରି ଗୋଟେ ଅଶିକ୍ଷିତ ଆଉ ଗୁଣ୍ଡାର ପ୍ରେମକୁ ସ୍ୱୀକାର କରି ନେଇଥିଲା ସେ କଥା କାହାକୁ ଜଣା ନାହିଁ ଆଜି ଯାଏଁ । ଭୟରେ ନା ସମ୍ପତ୍ତି ଲୋଭରେ ନା ପ୍ରେମରେ ତାର ରହସ୍ୟ ଏବେ ବି ଅଜଣା ଅନେକଙ୍କୁ । ବିବାହର ଦେଢ଼ ବର୍ଷ ବିତି ଯାଇଥିଲେ ବି ଏ ପର୍ଯ୍ୟନ୍ତ ଗର୍ଭ ଧାରଣା କରି ନଥିଲେ କୋକିଳ ମହାନ୍ତି ।ବିଲ୍ଲୁ କୁଆଡେ ଚ଼ାହୁଁ ନଥିଲା ଏତେ ଶୀଘ୍ର କୋକିଳ ମହାନ୍ତି ସୌନ୍ଦର୍ଯ୍ୟରେ ଭଟ୍ଟା ପଡିଯାଉ । ହେଇଥାଇପାରେ ! ମାତ୍ର ହଠାତ୍ ବିଲ୍ଲୁର ଏମିତି ଅପମୃତ୍ୟୁ ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଇଚ଼ି । ଇଏ ଗ୍ୟାଙ୍ଗୱାର ନା ବ୍ୟକ୍ତିଗତ ଶତ୍ରୁତା ଧରିବା ଏତେ ସହଜ ନୁହେଁ। ହତ୍ୟାର ଉଦ୍ଦେଶ୍ୟ କେବେ ଲୁଟ୍ ନୁହେଁ । ନହେଲେ ହାତର ବ୍ରେସଲେଟ କି ଗଳାର ଚେନ ସୁରକ୍ଷିତ ନଥାନ୍ତା ।ବିଲ୍ଲୁ ବି ଜବର ନିଶାଡି । ମଦ ପିଇ ଆଉ ପାଣିରେ ପଶି ଯାଇନି ତ? ଏମିତି ହେବା ବି ଅସମ୍ଭବ ନୁହେଁ

ପୋଲିସର ଏଇ ସନ୍ଦେହକୁ କୋକିଳ ମହାନ୍ତି ବିଶ୍ୱାସକୁ ନେଲେ ।

– ତାଙ୍କୁ ଅନେକ ଥର ବାରଣ କରିଛି ଏଇ ବିଷ ସବୁ ପିଅନି ବୋଲି , ମୁଁ ଏବେ କଣ କରିବି, ଶେଷରେ ସେଇ ନିଶା ତାଙ୍କ ଜୀବନ ନେଇଗଲା !

ପୋଲିସ କିଛି ନିର୍‌ଦିଷ୍ଟ ଭାବରେ ପହଞ୍ଚି ପାରୁନଥିଲା । କାଲି କୋକିଳ ମହାନ୍ତି କହୁଥିଲେ କନଷ୍ଟ୍ରକସନ୍ ସାଇଡ୍ ରେ ଗଣ୍ଡଗୋଳ କଥା ଆଜି ନିଶା କଥା ?

–' ଆଚ୍ଛା ଘରେ ଆଉ କିଏ ଅଛନ୍ତି ?' ପୋଲିସ ଅଧିକାରୀ ଜଣଙ୍କ ପ୍ରଶ୍ନ କଲେ।

– ହଁ ମୋ ଶାଶୁ ଅଛନ୍ତି, ସେ ବହୁତ ଭାଙ୍ଗି ପଡିଛନ୍ତି, ଆପଣ ତାଙ୍କୁ ଭେଟି ଆହୁରି ଦୁଃଖୀ କରି ଦିଅନ୍ତୁନି ପ୍ଲିଜ୍ । ସେ ପାଞ୍ଚ ବର୍ଷ ହେବ ପାରାଲେସିସ, ସେଇ ଗୋଟିଏ ରୁମ୍ ରେ ତାଙ୍କର ସବୁ ନିତ୍ୟ କର୍ମ ।

– ତଥାପି ଥରେ ଭେଟିଲେ ଅସୁବିଧା କଣ ?

– କିଛି ଲାଭ ହେବନି ସାର୍

– କେମିତି ଜାଣିଲେ ଲାଭ ହେବନି ବୋଲି ?

– ଓକେ ସାର୍... ମୁଁ ଡ଼ାକି ଦେଉଛି.. ଲୁନା.. ଲୁନା...

–ଏଇ ଲୁନା ପୁଣି କିଏ ?

– ଆମ ଡ୍ରାଇଭର । ସେ ଘର କାମରେ ପ୍ରାୟ ସହାୟତା କରେ...

ଲୁନା ହାଜର ହେଇ ସାରିଥିଲା ।

– ମା ଙ୍କୁ ଟିକେ ଆଣିବାରେ ହେଲ୍ପ କର। ସାର୍ ଭେଟିବାକୁ ଚ଼ାହୁଁଛନ୍ତି ।

କିଛି ସମୟ ପରେ ହୁଇଲ ଚେୟାରରେ ମା ଙ୍କୁ ଟାଣି ଟାଣି ଲୁନା ହାଜର ହେଲା ।

– ମା, ଆପଣଙ୍କୁ ବିଲ୍ଲୁ ବାବୁଙ୍କ ମର୍ଡର ଉପରେ କିଛି ପଚ଼ାରିବି, ଜାଣିଥିଲେ କହିବେ । ବିଲ୍ଲୁ ସହ କାହାର ଶତ୍ରୁତା ଥିଲା କି ?

– ମୁଁ କେମିତି ଜାଣିବି ଆଜ୍ଞା, ମୁଁ ତ ଘରର ଗୋଟିଏ କୋଣରେ ଅହରହ ପଡି ରହିଲି ତା ସହ ମୋର ପ୍ରାୟ ଦେଖା ହୁଏନି। ସେ ଅଧିକାଂଶ ସମୟ ବିଳମ୍ବରେ ଫେରେ ।ମୁଁ ସେତେବେଳେକୁ ଶୋଇ ପଡିଥାଏ ।

– ମୁଁ କହୁ ନଥିଲି ମା ଏ ବିଷୟରେ କେମିତି ବା ଜାଣିବେ ?

ପୋଲିସ ଅଧିକାରୀ ଜଣଙ୍କ ଅବିକା ଯିବାକୁ ଉଦ୍ୟତ ହେଲେ ।

ବୁଢ଼ୀ ହଠାତ୍ କହିଲେ –' ପଦିଆ ସହ ପୁଅର ଥରେ ଝଗଡା ହେଇଥିଲା ମାସକ ତଳେ ।'

– ପଦିଆ କିଏ ?

– ଆମ ରୋଷେୟା ।

– କାଇଁ ସେ, ଡାକ ତାକୁ ।

– ସେ ଆଉ ନାହିଁ, ପୁଅ ତାକୁ ବାଡିଆମରା କରି ତଡ଼ି ଦେଇଛି ।

ପୋଲିସ କୁ କିଛି ଖିଅ ମିଳିଗଲା ଯେମିତି।

– ହେଲେ ମାଡାମ ଆପଣ ତ ଏଇ ପଦିଆ ବିଷୟରେ କେବେ କହି ନାହାନ୍ତି ?

– କେମିତି କହିବ ବୋହୂ ? କୋଡ଼ିଏ ବର୍ଷର ରୋଷେୟା, ପୁଅ ପରି ପାଳିଥିଲୁ ତାକୁ, ବୋହୂ ଉପରେ ଖରାପ ନଜର ପକେଇଲା। ବୈାତ୍ ପୁଅ ଆସି ଦେଖିଦେଲା ବୋହୂ ଗାଧୋଉଥିଲା ବେଳେ ଇଏ ଉଣ୍ଡୁ ଥିଲା ।

– ଓଃ. ଏମିତି କଥା..

– ଥାନାରେ ଅଭିଯୋଗ କଲେ ବୋହୂର ବଦନାମ ହେବ ବୋଲି ତାକୁ ବାହାର କରି ଦେଲା ଆଉ ଥାନାରେ ଜଣେଇଲାନି ।

ଭୋ ଭୋ ହେଇ କାନ୍ଦୁଥିଲେ କୋକିଳ ମହାନ୍ତି।

– 'ସରି ମାଡାମ, ରିଏଲି ସରି ।'

ପୋଲିସ ଅଧିକାରୀ ଜଣଙ୍କ ଦୁଃଖ ପ୍ରକାଶ କରିବା ସହିତ ପଦିଆ ଠିକଣା ବୁଝିନେଲେ ।

ପୋଲିସର ନଜର ଏବେ ପଦିଆ ଉପରେ । ସମ୍ଭବତଃ କୋକିଳ ମହାନ୍ତିର ଏ ପଦିଆ ସହ କିଛି ଅନୈତିକ ସମ୍ପର୍କ ରହିଛି !

ବିଲ୍ଲୁର ମୃତ୍ୟୁ ଖବର ଶୁଣି ଖୁବ ଦୁଃଖୀ ହେଲା ପଦିଆ । ତା ଆଖି ଲୁହ ଛଳ ଛଳ ହେଇଗଲା ।ତାକୁ ଭେଟିବା ପରେ ପୋଲିସର ଦ୍ୱନ୍ଦ୍ୱ ବଢିବାକୁ ଲାଗିଲା । ପଦିଆ କାନ୍ଦି କାନ୍ଦି ପୋଲିସର ଗୋଡ଼ ଧରି ପକାଉଥାଏ । ପଦିଆ ପରି ଗୋଟିଏ ଗାଉଁଲି ଆଉ ବୋକା ଲୋକ ଯେ ବିଲ୍ଲୁ ପରି ଦୁର୍‌ଦାନ୍ତ ଲୋକର ହତ୍ୟା ସହ ସମ୍ପୃକ୍ତ ଏହା ସମ୍ଭବ ନୁହେଁ!

କିଛି ସମୟ ପରେ କୋକିଳ ମହାନ୍ତି ଡ୍ରାଇଭର ଲୁନାକୁ ଧରି ଥାନାରେ ପହଁଚ଼ିଲେ ।

ହଠାତ୍ ଉତକ୍ଷିପ୍ତହେଇ ପଦିଆକୁ ଗାଳିକରି ଦୁଇ ଚ଼ଟକଣୀ ବଜେଇ ଦେଲେ।

–' କାହିଁକି ମାରିଲୁ ତାଙ୍କୁ, ତତେ ଦୁଇ ଜାବୁଡା ମାରି ଘରୁ ବାହାର କରିଦେଲେ ବୋଲି ତୁ ତାଙ୍କ ଜୀବନ ନେଇଗଲୁ ?'

– କି କଥା କହୁଛନ୍ତି ମାଡାମ, ମୁଁ ତାଙ୍କୁ କାହିଁକି ମାରିବି ? ମୁଁ ଆପଣଙ୍କୁ ଭଲ ପାଏ ।

– ଚୁପ କର ଅଭଦ୍ର ।

– ମାଡାମ୍ ସେଦିନ ଆପଣ ନିଜେ କହୁଥିଲେ ମୋତେ ଭଲ ପାନ୍ତି ବୋଲି।

ପୋଲିସ ଅଧିକାରୀ ନାୟକ ବାବୁ ଏବେ ଉଠି ଠିଆହେଲେ ।

– ମାଡାମ, ପଦିଆ ଏମିତି କଣ କହୁଛି ?

– ସେ ସତ କହୁଛି ସାର୍ । ବିଲ୍ଲୁ ଘରେ ନଥିବା ବେଳେ ସେ ଅଧିକାଂଶ ସମୟ ମୋତେ ଖରାପ ନଜର କରୁଥିଲା। ସେ ଗୋଟେ କ୍ୟାରେକ୍ଟରଲେସ ଲୋକ । ଥରେ ସୁଯୋଗ ପାଇ ମୋତେ ବଳାତ୍କାର ଉଦ୍ୟମ କରିଥିଲା । ତାଠୁଁ ବଞ୍ଚିବା ପାଇଁ ଭଲ ପାଉଚ଼ି ବୋଲି ମିଛରେ କହି ରକ୍ଷା ପାଇ ଯାଇଥିଲି ।

ପଦିଆ ଚ଼ିଲେଇବାକୁ ଲାଗିଲା ।

–'ମାଡାମ ମିଛ କହୁଛନ୍ତି ଆଜ୍ଞା ସେ ମୋତେ ଭଲ ପାନ୍ତି ବୋଲି ଆଗ କହିଥିଲେ । ତା ପରେ ମୋତେ କହିଲେ ବାଥରୁମ୍ ଯାଉଛି, ମୁଁ ଯାଇ ଟିକେ ଅନେଇ ଦେଲି । ସେ ଖାଲି ମୋତେ ଭଲ ପାନ୍ତି ନି ,ଡ୍ରାଇଭର ଲୁନାକୁ ବି ଭଲ ପାନ୍ତି। ବାବୁ ନଥିଲା ବେଳେ ମାଡାମ୍ ଲୁନା ବାବୁଙ୍କ ସହ ବସି ହସ ଖୁସି କରନ୍ତି। ତାଙ୍କୁ ଅନେକ ଥର ଖରାପ ଅବସ୍ଥାରେ ଦେଖିଚ଼ି । ବାବୁଙ୍କୁ ଏ କଥା କହିଦେବି କହିବାରୁ ମାଡାମ୍ ମୋତେ ଜାବୁଡି ଧରି କହିଲେ ମୋତେ ସେ ଭଲ ପାନ୍ତି । ଲୁନା ବାବୁ ତାଙ୍କ ଇଚ୍ଛା ବିରୁଦ୍ଧରେ ବଳାତ୍କାର କରିଛନ୍ତି ବୋଲି ମୋତେ କାନ୍ଦି କାନ୍ଦି କହିଲେ । ବାବୁ ଏ କଥା ଜାଣିଲେ ତାଙ୍କୁ ଘରୁ ବାହାର କରିଦେବେ କହିବାରୁ ମୁଁ ଚୁପ୍ ହେଇଗଲି । ଏଥିରେ ମୋର ବା ଦୋଷ କଣ ?'

ନାୟକ ବାବୁ କୋକିଳ ମହାନ୍ତିକୁ ଧରିପକେଇ ପ୍ରଶ୍ନ କଲେ –' ଯା ପର ଘଟଣା ଆପଣ କୁହନ୍ତୁ ମାଡାମ୍...

ଭୋ ଭୋ ହୋଇ କାନ୍ଦୁଥିଲେ କୋକିଳ ମହାନ୍ତି

– ' ହଁ ମୁଁ ମାରିଚ଼ି ତାଙ୍କୁ ।ଲୁନା ଆଉ ମୁଁ ପରସ୍ପରକୁ ଭଲ ପାଉଥିଲୁ ।ଦୁଇ ଜଣ ଯାକ ସ୍ୱପ୍ନ ଦେଖିଥିଲୁ ଭଲ ଚ଼ାକିରୀ କରିବୁ, ବାହା ହେବୁ, ହେଲେ ଆମର ସବୁ ସ୍ୱପ୍ନ ମାଟି ହେଇଗଲା ... ମୁଁ କଲେଜର ଟପର୍ ଥିଲି । ମାତ୍ର ବିଲ୍ଲୁ ପରି ଗୋଟେ ଗୁଣ୍ଡା, ବଦମାସ ପାଇଁ ମୋ କ୍ୟାରିୟର ନଷ୍ଟ ହେଇଗଲା, ମୋତେ ହତ୍ୟା ଧମକ ଦେଇ ମୋ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଲା। ମୁଁ ଆଉ କଣ କରିଥାନ୍ତି ? ସେଦିନ ବିଲ୍ଲୁ ଗ୍ୟାରେଜରେ ଗାଡି ରଖିବା ସାଉଣ୍ଡ ଶୁଣି ମୁଁ ପଦିଆକୁ ବାଥ୍ ରୁମ୍ ଯାଉଛି କହି ଫସେଇ ଥିଲି, ଆଉ ସେ ଧରା ପଡି ତଡ଼ା ଖାଇଥିଲା । ସେଦିନ କନଷ୍ଟ୍ରକସନ ସାଇଡରେ ରାତି ସାରା କାମ ହେବ ଜାଣି ମୁଁ ଲୁନା ହାତରେ ବିଷ ମିଶା ଖାଦ୍ୟ ଦେଇଥିଲି। ତାକୁ ଖାଇ ବିଲ୍ଲୁ ବେହୋସ୍ ହେଇଯିବା ପରେ ଲୁନା ତାଙ୍କୁ ନଦୀକୂଳକୁ ଟାଣି ପାଣିରେ ବୁଡ଼େଇ ହତ୍ୟା କରିଥିଲା ।

ଆକାଶ ସଫା ଦିଶୁଥିଲା ଏବେ।

ହ୍ୟାଣ୍ଡ କପ୍ ଟି ନିକଟତର ହେଉଥିଲା କୋକିଳ ମହାନ୍ତିର। ପାଖରେ ଆଣ୍ଠୁମାଡି ବସିଥିଲା ଡ୍ରାଇଭର ଲୁନା ଓରଫ କୋକିଳ ମହାନ୍ତିଙ୍କ ପ୍ରେମିକ ।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଶେଷ ସବାରୀ

*ଦୁଷ୍ମନ୍ତ ବେହେରା*



ଲୁଇର ହସ ମଶାଣି ହସୁଛି ଦେଇ
ତା ଶେଷ ପତ୍ର ଚ଼ିହ୍ନ
ଉସ୍ମ ଜଳି ଉଠେ ମନ ପାଉଁଶ ତଳ
ଗଙ୍ଗ ମାଟି ମା କୂଳେ !!

ସବାରୀ ମନ ତ ଦେଖିବ ସଂସାର
ହାତ ଠାରି କହେ ଆସ
ତୁମ ଗହଣ ରେ ପାଇଲି ମୋ ନିଜକୁ
ଗଣ୍ଠିଲି ଭରଣ ଦୁଃଖ !!

ଅପେକ୍ଷା କରିଛି ମାଟି ମା' ସଜେଇ
ରଖିଛି ତା ପାଟ ଦେହ
ମୋ ହୀନିମାନ ଶରୀର କି ଯୋଗ୍ୟ
ହେବ
ତୁମ ଚ଼ରଣେ ମିଶି ପାରିବ !!

ଦେଖି ହରିବଲ ଦେବେ ଜନ ସୂତ
ଜୁଇ ଆରମ୍ଭ ରାମ ନାମ
ମୋ ସେଜ ବାସ୍ନା ରେ ମୁଁ ହସୁ ଥିବି
ଶେଷ ଯାତ୍ରା ର ସହବାସେ !!

ଦେଖିଲ ମୋତେ ଚ଼ାଲିଯିବ ସତେ
କେହି ନ ଯିବ ସଙ୍ଗେ
କହି ରଖୁଛି ବନ୍ଧୁ ମୋ ପରିଜନ
ଲାଗିଲା ତୁମକୁ ଶେଷେ !!

କଣ ଦେବି ବନ୍ଧୁ ମୁଁ ତୁମକୁ ଏ
ଶରୀର ପଡିଛି ଚ଼ାହିଁ
ପ୍ରଥମ ଦେଖା ଶେଷରେ ଭୁଲିବ
ପାଉଁଶ ମୋ ଥିବ ସାକ୍ଷୀ !!

ଯାହାତ ଦେଲ ସବୁ ପୁଡିଲା ଅଙ୍ଗାର
ଅଛି ମୋ ଚେଇଁ ମୁଁ
ମିଛ କହି କଣ ପାଇବି ସତ ମିଛ
ଖେଳ ଏଇ ରେ ବନ୍ଧୁ !!

ସମୟ ହସେଇ ଶେଷରେ ନେଲା
ସବାରି ରେ ଖେଳି ଖେଳି
ମୁ ଜାଣି ପାରିଲି ନାହିଁ ଧଳା ଦୁନିଆ
କଳା ଯେ ପାଟ ରାଣୀ !!

ରାସୋଳ-ମୁଣ୍ଡିଆପକ୍ଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

## ବେଙ୍ଗୁଲା ବେଙ୍ଗୁଲୀଙ୍କ ବାର୍ତ୍ତା

*ରମେଶ ଚ଼ନ୍ଦ୍ର ନାୟକ*



କଥା ହେଉଥିଲେ ପୋଖରୀ କୂଳରେ
ବେଙ୍ଗୁଲା ବେଙ୍ଗୁଲୀ ଦୁହେଁ
ଦୁହିଁଙ୍କ ଆଖିରୁ ଝରୁଥିଲା ଲୁହ
କାନ୍ଦୁଥିଲେ କେଏଁ କେଏଁ ॥

ବଢିଲାଣି ଖରା ତାତିଲାଣି ଧରା
ଶୁଖଇ ପୋଖରୀ ଜଳ
ରହି ହେବ ନାହିଁ ଏହି ସ୍ଥାନେ ଆଉ
ପରିସ୍ଥିତି ଅସମ୍ଭାଳ ॥

କେତେକ ମଲେଣି କେତେକ ଗଲେଣି
ଏ ଛୋଟ ପୋଖରୀ ଛାଡି
ଭୋକ ଉପାସରେ ଖାଦ୍ୟ ବିକଳରେ
ଛାଡନ୍ତି କେତେକ ରଡି ॥

ନଈ ନାଳ ପରା ଶୁଖିତ ଗଲାଣି
ନାହିଁତ ଖାଲୁଆ ସ୍ଥାନ
ଗଛ କାଟି ସବୁ କରି ଦେଲେ ପଦା
ଗଢିଲେଣି କୋଠା ମାନ ॥

ଘରେ ଘରେ ପରା ଟିୱେଲ୍ ବସିଲା
ପାଇପ୍ ରେ ଗଲା ପାଣି
ପ୍ଲାଷ୍ଟିକ କୁଣ୍ଡରେ ଗଛ ତ ଲାଗିଲା
କିଆଁ ବୁଦା ଦେଲେ ହାଣି ॥

ଗାଆଁ ଆଉ ଗାଆଁ ହୋଇ ରହି ନାହିଁ
ଦେଖିଲେ ଲାଗେ ସହର
କେଉଁଠି ରହିବେ ଛୁଆ ପିଲା ନେଇ
ଭାଳେଣି ପଡେ ତାଙ୍କର ॥

ଯେତେ ବା ବିପଦ ଆସିଲେ ଜୀବନେ
ଗାଆଁ ଛାଡି ଯିବେ ନାହିଁ
ବାରତା ବାଣ୍ଟିବେ ଘର ଘର ବୁଲି
ବାସ ସ୍ଥାନ ସୃଷ୍ଟି ପାଇଁ ॥

*କେଶରପୁର , ବକ୍ସି ବଜାର , କଟକ*
*ମୋ :- ୭୯୭୮୧୫୧୭୧୦*

## ଶ୍ରମବଳେ ଜିଣିପାରେ ମୁଁ ଧରା

*ଜଗଜ୍ଜୀବନ ସା*



ଶ୍ରମ ବଳରେ ଜିଣିପାରେ ଧରା
କୃଷକ ମୁଁ ଆଜି
ଟାଏଁ ଟାଏଁ ଟାଣ ଖରାରେ
ଶୀତ, ବରଷାରେ
ମାଟିକୁ ଚ଼ଷି ସୁନା ଫସଲ
ଫଳାଉଛି ପରା ।

ଶ୍ରମ ବଳରେ ଜିଣିପାରେ ଧରା
ଶ୍ରମିକ ମୁଁ ଆଜି
ମୁଣ୍ଡ ଝାଳ ତୁଣ୍ଡେ ମାରି
ଶୀଲ୍ପ, କାରଖାନା,ଘରଦୁଆର
ବାଲି, ସିମେଣ୍ଟ, ଲୁହା ଯୋଡି
ତିଆରୁଛି ପରା ।

ଶ୍ରମ ବଳରେ ଜିଣିପାରେ ଧରା
ସୈନିକ ମୁଁ ଆଜି
ଗୋଳା, ବାରୁଦକୁ ଖାତିର ନକରି
ଦେଶ, ଜାତି ପାଇଁ
ନିଜ ଜୀବନକୁ ଜନ ହିତ ପାଇଁ
ବଳିଦିଏ ରଣକ୍ଷେତ୍ରେ ପରା ।

*କୁମ୍ଭାରୀ, ଗୋଲାମୁଣ୍ଡା*
*କଳାହାଣ୍ଡି (ଓଡିଶା )*
*ମୋ - ୮୦୧୮୫୩୭୨୮୮*

## କାଳ ବୈଶାଖି

*କବି କେଶବ ଚ଼ନ୍ଦ୍ର ନାୟକ*



କାଳ ବଇଶାଖି ଆସିଲା
ପ୍ରଖର ପବନ ବହିଲା
ବଜ୍ର ବିଜୁଳି ଘଡଘଡି ଶବ୍ଦ ?
ଚ଼ଉଦିଗ ଖାଲି କମ୍ପିଲା.... !!
କଳା ମେଘ ନଭେ ଭାସିଲା
ବଡ ବଡ ଠୋପା ଝରିଲା
କରକା ପାତରେ ଜନ ଜୀବନକୁ
ଭୟର ଆଶଙ୍କା ଘାରିଲା... !!
ପବନରେ ତରୁ ଟଳିଲା
ଘରର ଛପର ଉଡିଲା
ଝାଟିମାଟି କାନ୍ଥ ଦୋହଲି ପଡିଲା
କାହାର ଜୀବନ ନାଶିଲା.... !!
ବଜ୍ରପାତେ କିଏ ମରିଲା
ଅକାଳେ ଜୀବନ ହାରିଲା
ଏ କାଳ ବୈଶାଖି ମହାବିପତି ଯେ
ଧ୍ୱଂସର ତାଣ୍ଡବ ରଚ଼ିଲା.... !!
ପଥଚ଼ାରୀ ପଥେ ରହିଲା
ଚ଼ାଷୀ ପୁଅ କ୍ଷତି ସହିଲା
ଗରିବଙ୍କ ଦୁଃଖ ଦ୍ୱିଗୁଣିତ ହେଲା
କାଳ ବୈଶାଖୀ କାଳ ହୋଇଲା.... !!
ପ୍ରକୃତି ତାଣ୍ଡବ ରଚ଼ିଲା
ମାନବର ବୁଦ୍ଧି ହଜିଲା
ପ୍ରକୃତି ଆଗରେ ସମସ୍ତେ ପରାସ୍ତ
ଅସହାୟ ନର ହୋଇଲା.... !!

*(ସଭାପତି,ଉତ୍କଳ ସାହିତ୍ୟ ସଂସଦ,*
*ମାଲକାନଗିରି)*
*ମୋନଂ:୯୪୩୭୭୭୯୪୪୭*

## ରଥ ଯାଏ ଗଡି

*ଡ.ସତ୍ୟନାରାୟଣ ମିଶ୍ର*



ରୂପ କାନ୍ତି ଯାର ରଜତ ଶୁଭ୍ର ବାଣୀ ଯାର ଓଜସ୍ୱିନୀ
କଥାରେ କଥାରେ ଲୁହ ଆସିଯାଏ କାଳିଆ କାହାଣୀ ଶୁଣି ।
ରଥ ଯାଏ ଗଡି ପଥ ଯାଏ ସରି ପ୍ରବଚ଼ନ ସରେନାହିଁ
ନବ ଗୁଂଜରଣ କାନରେ ପଡିଲେ ମନ କେବେ ମରେ ନାହିଁ
ଭାଷାର ମାଧୁର୍ଯ୍ୟ ପୌରୁଷ ଔଦାର୍ଯ୍ୟ ଅମଳିନ ଜ୍ଞାନ ତବ
ସାହିତ୍ୟ ସଂଗୀତ ତ୍ୟାଗ କରି କଣ କେବେବି ରହିପାରିବ ?
ଗାୟକ ପାଳିଆ ମୁହାଁମୁହିଁ ଦଳ ତର୍ଜମା କିଏ କରିବ
ଭଂଜପୁଅ ଗୀତ ବିଚ଼କ୍ଷଣ ସେତ ଅର୍ଥ ବା କିପରି ହେବ।
ଦୂର ଦର୍ଶନର ଧାରା ବିବରଣୀ ସଂଜୟ ପରାଏ ବସି
କିଏ ବଖାଣିବ ଗମ୍ଭୀରେ ସ୍ୱରେ ଶ୍ରୋତା ଓ ଦର୍ଶକ ତୋଷି।
ସାହିତ୍ୟ କାସାରେ ପଦ୍ମ ହେ ତୁମେ ଶିରୀ ତୁଟିଗଲା ଜାଣ
ସରଗରେ ଥାଇ ଓଡିଆ ଭାଇଙ୍କୁ ଦେବ ପ୍ରେମ ଅମଳିନ ।

ଲିଙ୍ଗରାଜବିହାର
ପୋଖରୀପୁଟ, ଭୁବନେଶ୍ୱର-୨୦
ମୋ:୯୯୩୮୧୬୭୩୩୧

# ଅଥଃ ରାମଲୀଳା ଉପାଖ୍ୟାନମ୍



ସୁଷମା ପରିଜା

ଖରାଦିନିଆ ଦି'ପହର ଟାରେ କାହାର ଡାକ ଶୁଣି ମୋ' ର ଅଳସ ନିଦ ଭାଙ୍ଗିଲା । କବାଟ ଖୋଲି ପଶି ଆସିଲେ ଆମ ଖଞ୍ଜା ର ଜଣେ ବଡ ଯାଆ ପଦ୍ମ ଅପା। ବୟସ ସତୁରୀ ପାଖାପାଖି ହୋଇଥିଲେ ମଧ୍ୟ ବେଶ୍ ଚ଼ଳଚ଼ଞ୍ଚଳ ସେ । ଘରେ ହେଉ ବା ବାରିରେ .. ସବୁବେଳେ କିଛି ନା କିଛି କାମ କରୁଥାନ୍ତି ସେ ।ଆଜି ତାଙ୍କର ସୁସ୍ଥିଆ ପଣିଆ, ନାଲି ଆଖି ଆଉ ନିଦ ମଳମଳ ଚେହେରା କୁ ଦେଖି ମୁଁ ପଚ଼ାରିଲି....

-- " କ'ଣ ଦେହ ଭଲ ନାହିଁ କି ଅପା! କାହିଁକି ଶୁଖିଲା ଦିଶୁଛ ?

-- ଆଲୋ ନାଇଁ ମ' ! କାଲି ରାତିରେ ରାମଲୀଳା ଦେଖି ଯାଇଥିଲି ତ ! ଭୋର୍ ରୁ ଫେରିଲି, ଜଳଖିଆ ଖାଇ ଶୋଇପଡିଥିଲି ପରା।

-- ଆରେ, ତୋ'ର ମନେ ନାହିଁ କି ! ଆମ ଗାଁ ରେ ସବୁ ବର୍ଷ ରାମ ନବମୀ ପରେ ଆଠ ଦଶ ଦିନ ରାମଲୀଳା ହୁଏ। କରୋନା ମହାମାରୀ ଯୋଗୁଁ ବିଗତ ଦୁଇବର୍ଷ ଧରି ବନ୍ଦ ଥିଲା , ଏବର୍ଷ ପୁଣି ଆରମ୍ଭ ହୋଇଛି ପରା । ଆମେ ତ' ସବୁଦିନେ ଯାଉଛୁ ଦେଖିବାକୁ। କୌତୂହଳୀ ହୋଇ ମୁଁ ଅପାଙ୍କୁ ପଚ଼ାରିଲି...

--କାଲି କେଉଁ ବିଷୟ ହେଉଥିଲା କି ?

---ଏଇ ମ' "କର୍ଣ୍ଣ ବଧ" ।

ଗଛରୁ ପଡିଲା ଭଳି ତାଙ୍କ ମୁହଁ କୁ ଚ଼ାହିଁଲି ମୁଁ । ରାମଲୀଳା ରେ କର୍ଣ୍ଣ ବଧ ? ମୁହଁ ରେ ହସିଲେ ହୁଏତ ତାଙ୍କର ଅପମାନ ହେବ ବୋଲି ପେଟରୁ ବାହାରି ଆସୁଥିବା ହସ କୁ ଦାନ୍ତ ଚ଼ାପି ତଳକୁ ମୁହଁ ପୋତିଲି।

ଘର ଭିତରୁ ହସି ହସି ମୋ' ଝିଅ କହିଲା " ବାୟାଣୀ ହେଲୁ କି ବଡ ବୋଉ ! ଆ'ଲୋ ରାମଲୀଳା ରେ କର୍ଣ୍ଣ କୁଆଡୁ ଆସିବ ? କୁମ୍ଭକର୍ଣ୍ଣ ବଧ ହୋଇଥିବ ମ' ।

---ହଁ, ହଁ, ସେଇ ମ' କୁମ୍ଭକର୍ଣ୍ଣ, କର୍ଣ୍ଣ କିଏ ଆଉ କୁମ୍ଭକର୍ଣ୍ଣ କିଏ ଯେ ? ଏଇ କଥା ନୁହଁ କି ? ନିଆଁଲଗାର ମନ ରହୁଛି କ'ଣ ?

ତାଙ୍କର କାମ ସାରି ସେ ତାଙ୍କ ଘରକୁ ଫେରିଗଲେ ଆଉ ମୋ'ର ମନ ଫେରିଗଲା ଚ଼ାଳିଶି ବର୍ଷ ତଳକୁ...।

ମୋ' ଶାଶୁଘର କଟକ ସହର ଭିତରେ ହୋଇଥିଲେ ମଧ୍ୟ ଚ଼ଳଣି ସହରତଳି ଅଞ୍ଚଳ ଭଳି। ଆମର ଯୌଥପରିବାର। ଦାସ ପରିବାର ପଚ଼ିଶି ଭାଇଆ ବିରାଟ ଜମିଦାର ପରିବାର । କେବଳ ଆମରି ପରିବାର ଟି ଶିକ୍ଷିତ ଏବଂ ଅନ୍ୟ ମାନେ ସମସ୍ତେ ଧାନ ଜମି ,ଇଟାଭାଟି, ଟ୍ରକ ଟ୍ରାକ୍ଟର ନେଇ ଧନୀ। ବହୁତ ଦିନ ତଳର କଥା , ସେତେବେଳକୁ ମୋ'ର ବଡ ଝିଅ ଟି ଚ଼ାରି ବର୍ଷର, ବଡ ପୁଅଟି ବର୍ଷ କର ।ମୋ'ର ନୂଆ ନୂଆ ଚ଼ାକିରୀ । ଘର ପରିବାର, ରୋଷେଇ, ପିଲାମାନଙ୍କ ଦାୟିତ୍ୱ ସବୁ ଏକକାଳୀନ କରିବା ବଡ କଷ୍ଟ ହେଉଥିବ ଭାବି ସେଥିପାଇଁ ମୋ' ବୋଉ ଗାଆଁ ରୁ ଆମ ପିଇସିର ପନ୍ଦର ଷୋହଳ ବର୍ଷ ର ଝିଅ ଆଶା କୁ ପଠାଇଥାଏ ମୋ'ଶାଶୁଘରକୁ। ସିଏ ମୋତେ ସବୁ କାମରେ ସାହାଯ୍ୟ କରେ ଆଉ ମୋ' ଶାଶୁଙ୍କର ହାତ ବାରିସି ହୋଇଥାଏ। ସେତେବେଳେ ଆମ ଘରଠାରୁ ମାତ୍ର ଶହେଫୁଟ ଦୂରରେ ଥିବା ଗାଆଁ ଭାଗବତ ଘର ସାମନାରେ ପ୍ରତିବର୍ଷ ରାମଲୀଳା ହୁଏ। ମୋ'ର ମଝିଆଁ ଦିଅର ସେ ରାମଲୀଳା ର ମୁଖ୍ୟ କାରପଟଦାର୍, ଯାତ୍ରା ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ସବୁ ଦାୟିତ୍ୱ ତାଙ୍କର ।ଗାଆଁ ରେ ସମସ୍ତେ ରାମଲୀଳା ଦେଖନ୍ତି କିନ୍ତୁ ଆମ ଘରୁ କେହି ଯାଆନ୍ତି ନାହିଁ ରାମଲୀଳା ଦେଖିବାକୁ। ହେଲେ ଆଶା ର ଭାରି ଇଚ୍ଛା ରାମଲୀଳା ଦେଖିବା ପାଇଁ । ଦିନେ ଆମେ ସବୁ ଶୋଇପଡିଲା ପରେ ଆମ ଶାଶୁଙ୍କୁ ଅନୁରୋଧ କରି ସେ ଆମ ଖଞ୍ଜା ର ଯାଆ ମାନଙ୍କ ସହିତ ଗଲା ରାମଲୀଳା ଦେଖି। ସେମାନଙ୍କ ସହ ରାତି ଅନିଦ୍ରା ହୋଇ ଯାତ୍ରା ଦେଖି ସକାଳୁ ଫେରିଲା ଘରକୁ। ସକାଳୁ ସକାଳୁ ଶାଶୁ ମତେ ତାଗିଦ୍ କଲେ " ତୁ' ଆଶା ଉପରେ ରାଗିବୁନି, ସେ ପିଲା ଲୋକ, ତା' ମନ ହେଲା ଯାତ୍ରା ଦେଖିବାକୁ, ସେ ମୋ'ର ଅନୁମତି ନେଇ ଯାଇଥିଲା" । ଶାଶୁଙ୍କ ଆଦେଶ ମାନି ମୁଁ ତା'କୁ ଆଉ କିଛି କହିଲିନି, ସିଏ କିନ୍ତୁ ଖୁବ୍ ଡରି ଡରି ଥାଏ , କାଳେ ଅପା ରାଗିବେ! ସବୁ କାମ ସାରି ତରତର ହୋଇ ଅଫିସ୍ ଯିବା ବେଳକୁ ତା'କୁ ପଚ଼ାରିଲି......

---" ଆରେ ଆଶା! କାଲି ରାତିରେ ରାମଲୀଳା ଦେଖି ଯାଇଥିଲୁ ପରା। କ'ଣ ବିଷୟ ଥିଲା ?

--"ସୀତା ବିବାହ " ସେମିତି ଡରି ଡରି ସେ ଉତ୍ତର ଦେଲା। ଶାଶୁ ମୋ' ମୁହଁ କୁ ଚ଼ାହିଁ ରହିଥାନ୍ତି। ମୁଁ ପୁଣି ଥରେ ପଚ଼ାରିଲି..

-- ଆଚ୍ଛା କହିଲୁ , ଶିବ ଧନୁ କିଏ ଭାଙ୍ଗିଲା ?

ସେ କିଛି ଉତ୍ତର ନଦେଇ ତଳକୁ ମୁହଁ ପୋତି ଠିଆ ହେଲା। ତା'କୁ ସଠିକ ଉତ୍ତର ଜଣାନାହିଁ ଭାବି ମୁଁ ଅଫିସ୍ ଚ଼ାଲିଗଲି । ଅଫିସ୍ ରୁ ଫେରିବା ବେଳକୁ ଆମ ଘରେ ସମସ୍ତେ ଏକ ସ୍ୱତନ୍ତ୍ର ରେ କହିଲେ " ଆଜି ଆଶା ଯାହା କଲା ନା' ଆମେ ଦିନ ସାରା ହସି ହସି ବେଦମ୍ । ତୁ' ବି ସେକଥା ଶୁଣିଲେ ନ ହସି ରହି ପାରିବୁନି । ନଣନ୍ଦ ଏକବାର ସିରିୟସ୍ ହୋଇ କହିଲେ .. " ଜାଣିଲ ନୂଆବୋଉ! ଏଇ ଆମ ଆଶା ମ' ତୁମକୁ ଏତେ ଭୟ କରେ ବୋଲି ଆମେ ଜାଣିନଥିଲୁ। ଆଜି ତୁମେ ଅଫିସ୍ ଯିବା ପରେ ଲୁହ ଛଳ ଛଳଛଳ ଆଖିରେ ସେ ଆସି ବୋଉ କୁ କହିଲା .. " ମା' ! ମୋ' ଆଖି ଛୁଇଁ କହୁଛି ସେ ଶିବ ଧନୁ ଟା କେଉଁଠି ଥିଲା, ତା'କୁ କିଏ କେତେବେଳେ କେମିତି ଭାଙ୍ଗିଲା ମୁଁ ମୋଟେ ଦେଖି ନାହିଁ । ଅପା ରାଗିବେ ବୋଲି ମୁଁ କିଛି ଉତ୍ତର ଦେଲିନାହିଁ, ସେ ସେମିତି ରାଗରେ ଘରୁ ବାହାରି ଗଲେ ଅଫିସ୍ । ପୁଣି ଘରକୁ ଫେରିଲେ ପଚ଼ାରିବେ ସେଇ କଥା । କି' ଉତ୍ତର ଦେବି ଯେ ମୁଁ ! ସତ କହୁଚ଼ି ମା' ଯଦି ଆଗରୁ ଜାଣିଥାନ୍ତି ଶିବଧନୁ ଟା କେଉଁଠି ଅଛି, ତେବେ ନିଶ୍ଚୟ ଜାଗତିଆର ହୋଇ ରହିଥାନ୍ତି, ପିଲାମାନଙ୍କୁ ସେଥିରେ ଲାଗିବାକୁ ଦେଇନଥାନ୍ତି, ମୋ'ରି ଅସାବଧାନତା ଯୋଗୁଁ ସିନା ଶିବଧନୁ ଟା ଭାଙ୍ଗିଦେଲେ ପିଲାଏ , ଏବେ ମୁଁ କ'ଣ କରିବି ଯେ" ? ? କହୁ କହୁ କଇଁ କଇଁ ହୋଇ କାନ୍ଦି ପକାଇଲା ଆଶା। ବୋଉ ତା'କୁ କୋଳକୁ ଆଉଜେଇ ନେଇ କେତେ ବୁଝାଇଲା ତୁମେ କେଉଁ ଶିବଧନୁ କଥା କହୁଥିଲ ଆଉ ସେ ଶିବଧନୁ ର ସମସ୍ତ କାହାଣୀ ଶୁଣେଇଲା ତା'କୁ, ତା'ପରେ ଯାଇ ଥୟ ପଡିଲା ସେ। ଭାଗ୍ୟ ଭଲ ସେ ବୁଝିଲା, ନହେଲେ ସେମିତି ଡରିମରି ଅଖିଆ ଅପିଆ ବସି ରହିଥାନ୍ତା ଦିନସାରା "। ମୁଁ ତା'ର ଅଜ୍ଞତା ରେ ହସିବି କି ରାଗିବି ବୁଝି ପାରୁନଥିଲି। ସିଏ ଲାଜରା ହୋଇ ବୋଉଙ୍କ ପଛପଟେ ଲୁଚ଼ିଥିଲା । କିଛିଦିନ ପରେ ଆଶା ଫେରି ଯାଇଥିଲା ଗାଆଁ କୁ । ହେଲେ ଆମ ଘରେ ସେଦିନ ଠାରୁ ଯେବେ ବି ଆଶା କରେ ପଡେ ସେଇ ଶିବଧନୁ କଥା ମନେ ପକାଇ ସମସ୍ତେ ବହି ହସନ୍ତି ।

ଆଜି ପଦ୍ମା ଅପାଙ୍କର କଥା ମତେ ପୁଣିଥରେ ଆଶା କୁ ମନେ ପକାଇଦେଲା। ଏବେ ଆଶା ବୟସ୍କ ହୋଇଛି,ବାହାହୋଇ ଘର ସଂସାର କରିଛି। ତା' ପୁଅଝିଅ ମାନେ ମଧ୍ୟ ବଡ ହୋଇ ବାହାସାହା ହୋଇ ଘରକରଣା କଲେଣି କିନ୍ତୁ ମୋ' ପିଲାମାନେ ଏବେ ବି ଆଶା କୁ ଦେଖିଲେ ପଚ଼ାରନ୍ତି ...

" ଆଶା ମାଉସୀ ! ଏବେ ଆଉ ରାମଲୀଳା ଦେଖିବାକୁ ଯାଉଛ ? ଶିବଧନୁ କିଏ ଭାଙ୍ଗିଲା ଜାଣିଲଣି କି ନାହିଁ ? ? ?"

ଆଶା ତା' ପିଲାଦିନ କଥା ମନେ ପକାଇ ମୁରୁକି ହସେ।

ଶାରଳା ଭବନ ପୋତାପୋଖରୀ
ନୂଆବଜାର କଟକ
ମୋ-୯୩୩୭୨୭୨୬୪୭

# ମୋ ଓଡ଼ିଶା

## ଜ୍ଞାନପୀଠ ବିଜେତା ପ୍ରଥମ ହିନ୍ଦୀ କବି: ସୁମିତ୍ରାନନ୍ଦନ ପନ୍ତ



ଜ୍ଞାନପୀଠ ପୁରସ୍କାର ପାଇଥିବା ପ୍ରଥମ ହିନ୍ଦୀ କବି ହେଉଛନ୍ତି ସୁମିତ୍ରାନନ୍ଦନ ପନ୍ତ। ୧୯୬୮ ମସିହାରେ ତାଙ୍କୁ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ଆଧୁନିକ ହିନ୍ଦୀ ସାହିତ୍ୟ ଜଗତର ଅନ୍ୟତମ ପ୍ରସିଦ୍ଧ କବି। ସେ ସାଂସ୍କୃତିକ ହିନ୍ଦୀରେ କବିତା ଲେଖୁଥିଲେ। ଯାହାକି ଥିଲା ସର୍ବକାଳୀନ ସାରସ୍ୱତ ସାଧକମାନଙ୍କ ଭିତରେ ଅନନ୍ୟ ସ୍ୱତନ୍ତ୍ରତା। ସୁମିତ୍ରାନନ୍ଦନ ହିନ୍ଦୀ ସାହିତ୍ୟର ଛାୟାବତୀ ଯୁଗର ଶ୍ରେଷ୍ଠ ଚାରି ସାହିତ୍ୟିକଙ୍କ ମଧ୍ୟରେ ଜଣେ। ଅନ୍ୟମାନେ ଥିଲେ ଜୟଶଙ୍କର ପ୍ରସାଦ, ମହାଦେବୀ ବର୍ମା ଓ ସୂର୍ଯ୍ୟକାନ୍ତ ତ୍ରିପାଠୀ, ନିରାଲା। ଛାୟାବାଦକୁ ସବୁଜବାଦୀ ହିନ୍ଦୀ ସାହିତ୍ୟର ଚାରି ସ୍ତମ୍ଭ ମଧ୍ୟରୁ ଗୋଟିଏ ଭାବେ ଧରାଯାଏ। ସୁମିତ୍ରାନନ୍ଦନ, ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଦ୍ୱାରା ଗଭୀର ଭାବେ ପ୍ରଭାବିତ ଥିଲେ। ଶ୍ରୀଅରବିନ୍ଦଙ୍କ ଜୀବନୀ ଓ ଦର୍ଶନ ଉପରେ ସେ କିଛି ପୁସ୍ତକ ମଧ୍ୟ ରଚନା କରିଛନ୍ତି। ଯାହାକି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଶ୍ରିତମାନଙ୍କ ଭିତରେ ଅନେକ ଲୋକାଦୃତ ପାଇଛି। ତାଙ୍କ କବିତାଗୁଡ଼ିକରେ ପ୍ରଗତିଶୀଳ ମାନବବାଦର ଝଲକ ଦେଖିବାକୁ ମିଳେ। କେହି କେହି ତାଙ୍କୁ ସମାଜବାଦୀ ମଧ୍ୟ କହନ୍ତି। ତାଙ୍କ ରଚନାରେ ସମାଜବାଦ ଭିତରେ ସଂହତି ପ୍ରତିଷ୍ଠା ଓ ଭବଚେତନାର ଭିନ୍ନ ଦିଗନ୍ତ ପରିସ୍ଫୁଟିତ ହୋଇଥାଏ। ଚିଦଂବରା କବିତା ସଂକଳନକୁ ତାଙ୍କର ଶ୍ରେଷ୍ଠକୃତି କୁହାଯାଏ। ଲୋକାୟତନ ପାଇଁ ସୋଭିଏତ୍ ରସିଆ ସରକାର ତାଙ୍କୁ ନେହରୁ ଶାନ୍ତି ପୁରସ୍କାର ପ୍ରଦାନ କରିଥିଲା। କାଲା ଔର ବୂଢ଼ା ଚାଁଦ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ମୂଳତଃ ସେ ହିନ୍ଦୀରେ କବିତା ଲେଖୁଥିଲେ କିନ୍ତୁ ଭାରତର ଅନେକ ଆଞ୍ଚଳିକ ଭାଷାରେ ଏହା ଅନୁଦିତ ହୋଇ ପାଠକ ମାନଙ୍କ ଦ୍ୱାରା ଆଦୃତି ଲାଭ କରିଥିଲା। ସେ ତତ୍କାଳୀନ ସମୟର କିଛି ହିନ୍ଦୀ ଖବର କାଗଜରେ ତାଙ୍କର ନିୟମିତ କବିତା ପ୍ରକାଶ ପାଇଁ ଦେଉଥିଲେ। ଭାରତ ସରକାର, ତାଙ୍କୁ ପଦ୍ମ ବିଭୂଷଣରେ ସମ୍ମାନିତ କରିଥିଲେ। ଆଇଆଇଟି ରୁଡ଼କୀର କୁଳଗୀତ ଜୟନ୍ତୀ ଜୟତୀ ବିଦ୍ୟା ସଂସ୍ଥାନ ସେ ରଚନା କରିଥିଲେ। ୧୯୦୦ ମେ ୨୦ ତାରିଖରେ ଉତ୍ତରାଖଣ୍ଡ ଅନ୍ତର୍ଗତ ଅଲ୍ମୋଡ଼ା ଜିଲ୍ଲାର କୌସାନୀରେ ସେ ଜନ୍ମ ହୋଇଥିଲେ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail: badal009bhuyan@gmail.com

## ଖୁଣ୍ଟାପଡା ଠାରେ ଗୀତାଯଜ୍ଞ ଓ ଶ୍ରୀମଦ୍ ଭାଗବତ ପାରାୟଣ

ଗୋଳାବନ୍ଧ (ପିଏନ୍):ଘଟଗାଁ ବ୍ଲକ ଅନ୍ତର୍ଗତ ପଇଦାପାଟଣା ପଂଚାୟତ ଖୁଣ୍ଟାପଡାଠାରେ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀରେ ଗୀତାଯଜ୍ଞ ଓ ଶ୍ରୀମଦ୍ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଭବ୍ୟ କଳସ ଯାତ୍ରା ସହିତ ଭାଗବତ ପରାୟଣ, ନାମ ସଂକୀର୍ତ୍ତନ, ହୋମ, ଯଜ୍ଞ, ପୂଜାପାଠ ହୋଇଥିବା ବେଳେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଶହ ଶହ ଭାଗବତ ପ୍ରେମୀ ଶ୍ରଦ୍ଧାଳୁ ଭକ୍ତମାନେ ଠାକୁରଙ୍କ ଅମୃତ ବାଣୀକୁ ଶ୍ରବଣ କରୁଥିଲେ । ହରିବୋଲ, ହୁଳହୁଳି, ଘଣ୍ଟା, ଘଣ୍ଟ ଶବ୍ଦରେ ପରିବେଶ ଭକ୍ତି ଭାବମୟ ହୋଇ ଉଠିଥିଲା । ଷଷ୍ଠ ଦିନରେ ଠାକୁରଙ୍କ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ନୃସିଂହ ନାରାୟଣ ସତ୍‌ସଂଗର ସଭ୍ୟମାନେ ଭଜନ କୀର୍ତ୍ତନ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଜୟଦେବ ପଣ୍ଡା ସବୁ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଭାଗବତ ନାଏକ, ବଳଭଦ୍ର ନାୟକ, ପ୍ରମୋଦ ନାଏକ, ଭୀଷ୍ମସେନ୍ ନାଏକ, ସୁକାନ୍ତୀ ନାଏକ, ଭଗବାନ ସିଂ, ବସନ୍ତ ନାଏକ, ଜଗତା ନାଏକ, ପ୍ରଦୀପ କୁମାର ଷଡଙ୍ଗୀଙ୍କ ସହ ଖୁଣ୍ଟାପଡା ବ୍ରାହ୍ମଣ ସମାଜର ବରିଷ୍ଠ ବ୍ୟକ୍ତିମାନେ ।

## ବାଲେଶ୍ୱରରେ ଏକ ଇଏସଆଇ ଡାକ୍ତରଖାନା ପାଇଁ ପ୍ରତାପ ଷଡ଼ଙ୍ଗୀଙ୍କ ପତ୍ର

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଏକ ଶିଳ୍ପ ବହୁଳ ଅଞ୍ଚଳ ହୋଇଥିଲେ ହେଁ ଏଠାରେ ଗୋଟିଏ ଇଏସଆଇ ଡାକ୍ତରଖାନା ନ ଥିବା ହେତୁ ଶ୍ରମିକ ମାନଙ୍କର ଜରୁରୀ ଚିକିତ୍ସା ପାଇଁ ବହାରକୁ ଯିବାକୁ ପଡୁଅଛି । ଏ ବିଷୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୂର୍ବରୁ ଅନେକ ଥର ପତ୍ରାଚାର କରିଥିଲେ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗତକାଲି ମାନ୍ୟବର କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଭୂପେନ୍ଦ୍ର ଯାଦବଙ୍କୁ ଭେଟି ଇଏସଆଇ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ପତ୍ର ଦେବା ସହିତ ଆଲୋଚନା କରିଛନ୍ତି। ମାନ୍ୟବର ମନ୍ତ୍ରୀ ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀ ମାନଙ୍କୁ ଶୀଘ୍ର ଏହି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ କୋଣାର୍କରେ ଜଳ ସେବା କେନ୍ଦ୍ର



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ପଥଚାରୀମାନଙ୍କ ତୃଷା ମେଣ୍ଟାଇବା ନିମନ୍ତେ ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଶନିବାର ଠାରୁ ଆରମ୍ଭ ହୋଇଛି ଜଳ ସେବା କେନ୍ଦ୍ର । ପୁରୀ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଜଳ ସେବା କେନ୍ଦ୍ରକୁ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଶୁଭାରମ୍ଭ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହୀନିପତି, ସମାଜସେବୀ ରାଜକିଶୋର ମହାପାତ୍ର, ଯୋଗଗୁରୁ ବାମଦେବ ଆଲୁକ, ଶାରିରୀକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ । ପ୍ରବଳ ଖରାରୁ ପଥଚାରୀମାନଙ୍କ ତୃଷା ମେଣ୍ଟାଇବା ପାଇଁ ଏହି ଜଳସେବା କେନ୍ଦ୍ରରେ ଥଣ୍ଡା ପାଣି, ଦହି ସର୍ବତ, ଲେମ୍ବୁ ପାଣି, ଅଭଡା ତୋରାଣୀ, ସୁମିଷ୍ଟ ବେଲପଣା ପଥଚାରୀମାନଙ୍କୁ ଭାରତ ସ୍କାଉଟ୍ ଓ ଗାଇଡ୍‌ର ଛାତ୍ରଛାତ୍ରୀମାନେ ଯୋଗାଇ



ଦେଉଥିବା ବେଳେ ବିବେକାନ୍ଦ ଶିକ୍ଷା କେନ୍ଦ୍ରର କ୍ରୀଡା ଶିକ୍ଷକ ସଦାଶିବ ମିଶ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଶିକ୍ଷକ ମାନସ କୁମାର ମୁଦୁଲି, ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ର, କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଅଭିମନ୍ୟୁ ଆର୍କା ଓ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଏବଂ ସମାଜସେବୀ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ସେବାକେନ୍ଦ୍ର ପରିଚାଳନା କରୁଛନ୍ତି । ଆଗାମୀ ଦିନମାନଙ୍କରେ କୋଣାର୍କର ବିଭିନ୍ନ ସ୍ଥାନରେ ଜଳସେବା କେନ୍ଦ୍ର ଖୋଲାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହି ଜଳସେବା କେନ୍ଦ୍ର ଗ୍ରୀଷ୍ମ ଋତୁ ଶେଷ ହେବା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଭାରତ ସ୍କାଉଟ୍ ଓ ଗାଇଡ୍‌ର ନୋଡାଲ ଶିକ୍ଷକ ରାମକୃଷ୍ଣ ମହାନ୍ତି ସୂଚନା ଦେଇଛନ୍ତି । ଏହି ଜଳ ସେବା କେନ୍ଦ୍ରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର, ସରକାରୀ ଉଚ୍ଚ ବିଦ୍ୟାଳୟ, କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ସାମିଲ ହୋଇ ତୃଷାର୍ତ୍ତ ପଥଚାରୀଙ୍କ ତୃଷା ମେଣ୍ଟାଉଛନ୍ତି ।

## ଯୁଗ୍ମ ଶ୍ରମ କମିଶନରଙ୍କୁ କଂଗ୍ରେସ ପ୍ରତିନିଧି ଦଳର ସାକ୍ଷାତ ଓ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା

ରାଉରକେଲା (ପିଏନ୍): ଗତ କିଛିଦିନ ତଳେ ରାଉରକେଲାରେ ନୂତନ ଯୁଗ୍ମ ଶ୍ରମ କମିଶନର ଭାବେ ଯୋଗଦାନ କରିଥିବା ପ୍ରଣବ ରଂଜନ ଜେନାଙ୍କୁ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ରାଉରକେଲା ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି । ଜିଲ୍ଲା କଂଗ୍ରେସର ପ୍ରତିନିଧିମାନେ ଉଦିତନଗର ସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀ ଜେନାଙ୍କୁ ସ୍ୱାଗତ କରିବା ସହିତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି କାର୍ଯ୍ୟାନୁଷ୍ଠାନ ଆଶା କରିଥିଲେ । ସମ୍ପ୍ରତି ରାଉରକେଲା ସ୍ମାର୍ଟସିଟି, ସ୍ୱରେଜ୍ ବୋର୍ଡର ପ୍ଲାଣ୍ଟ ପ୍ରକଳ୍ପ ଏବଂ ଇଡ୍‌କୋ ତରଫରୁ ନିର୍ମାଣ ଚାଲିଥିବା ହକି ଷ୍ଟାଡିୟମ ଇତ୍ୟାଦି କାର୍ଯ୍ୟରେ ସ୍ଥାନୀୟ ଶ୍ରମିକ କର୍ମଚାରୀଙ୍କୁ ଉପେକ୍ଷା କରାଯାଇ ଏହି କାର୍ଯ୍ୟର ଠିକା ନେଇଥିବା କମ୍ପାନୀମାନେ ରାଜ୍ୟ ବାହାରୁ ଶ୍ରମିକ କର୍ମଚାରୀ ଆଣି ନିୟୋଜିତ କରୁଥିବା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ। ଯେଉଁ କିଛି ସ୍ଥାନୀୟ ଲୋକଙ୍କୁ ଏସବୁ ପ୍ରକଳ୍ପରେ ନିଯୁକ୍ତି ମିଳିଛି ସେମାନଙ୍କୁ ଉଚିତ୍ ସର୍ବନିମ୍ନ ମଜୁରୀ ଦିଆଯାଉନାହିଁ କି ପିଏଫ୍ ଓ ଇଏସ୍‌ଆଇ ସୁବିଧାରେ ଅନ୍ତର୍ଭୁକ୍ତ କରାଯାଉନାହିଁ । ବାରମ୍ବାର ଦାବି କରିବା ସତ୍ତ୍ୱେ ଶ୍ରମିକ କର୍ମଚାରୀମାନଙ୍କୁ ସମ୍ପୃକ୍ତ କମ୍ପାନୀ ଗୁଡିକ ମାସିକ ମଜୁରୀ ପୈଠ ଚିଠା ପ୍ରଦାନ କରୁନାହାଁନ୍ତି । ଶ୍ରମିକମାନଙ୍କୁ ସେମାନେ ଯେଉଁ ଠକେଇ ଓ ଶୋଷଣ କରୁଛନ୍ତି ତାହା ଧରାପଡିବା ଭୟରେ ମଜୁରୀ ପୈଠ ଚିଠା ଶ୍ରମିକମାନଙ୍କୁ ପ୍ରଦାନ କରୁନାହାଁନ୍ତି ବୋଲି କଂଗ୍ରେସ ପ୍ରତିନିଧି ଦଳ ଅଭିଯୋଗ କରିଥିଲେ । ସ୍ମାର୍ଟସିଟି ପ୍ରକଳ୍ପରେ କାମ କରୁଥିବା ରାଜ୍ୟ ବାହାରର ବିଭିନ୍ନ କମ୍ପାନୀ ସମେତ ସ୍ୱରେଜ୍ ବୋର୍ଡ ଓ ଇଡ୍‌କୋରେ କାମ କରୁଥିବା ଏଲ୍‌ଆଣ୍ଡଟି କମ୍ପାନୀ ସ୍ଥାନୀୟ ଶ୍ରମ ବିଭାଗରୁ ଏସବୁ ପ୍ରକଳ୍ପରେ କେତେ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ଅନୁମତି ନେଇଛନ୍ତି ଏବଂ ନିଯୁକ୍ତି ଦେଇଥିବା ଲୋକଙ୍କ ମଧ୍ୟରୁ କେତେ ସ୍ଥାନୀୟ ଲୋକ ଓ କେତେ ବାହାର ଲୋକ ଅଛନ୍ତି ସେ ବାବଦରେ ଶ୍ରମ ବିଭାଗ ଆବଶ୍ୟକୀୟ ତଦନ୍ତ କରି ସାଧାରଣରେ ସ୍ପଷ୍ଟ କରିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରିଥିଲେ । ସମ୍ପ୍ରତି ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରିନଥିବା ବେଳେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍‌ଆଣ୍ଡଟି କମ୍ପାନୀ ଏକ ତୃତୀୟ ପକ୍ଷ ସଂସ୍ଥାକୁ ନିଯୁକ୍ତି ଦେଇଛି ଯେଉଁ ସଂସ୍ଥା କି ୫ ବର୍ଷ ପାଇଁ କରିବାକୁ ଥିବା ଏଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ କାମ ପାଇଁ ରାଜ୍ୟ ବାହାରର ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ଦେଇଛି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ଯୁଗ୍ମ ଶ୍ରମ ଆୟୁକ୍ତ ଏହାର ତଦନ୍ତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ସେହିପରି ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ ଏକ ସରକାରୀ ସଂସ୍ଥା ହୋଇଥିଲେ ହେଁ ଏ ସଂସ୍ଥାରେ ଠିକାଦାରଙ୍କ ଅଧିନରେ ଆବର୍ଜନା ପରିବହନରେ ବ୍ୟବହୃତ ଚଳାଉଥିବା ଗାଡିର ଡ୍ରାଇଭରମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରି ଏ ବାବଦରେ ଶ୍ରମ ବିଭାଗ ଆବଶ୍ୟକୀୟ ତଦନ୍ତ କରିବାକୁ ଦାବି କରିଥିଲେ। ସମ୍ପ୍ରତି ଅନେକ ନିର୍ମାଣ ଶ୍ରମିକ ପଂଜିକୃତ ହୋଇଥିଲେହେଁ ଅଦ୍ୟାବଧି ସେମାନେ ପାଇନଥିବା ସାଇକେଲ୍ ଓ ଯନ୍ତ୍ରପାତି ଇତ୍ୟାଦି ତୁରନ୍ତ ଯୋଗାଇ ଦେବା ପାଇଁ କଂଗ୍ରେସ ନେତୃବୃନ୍ଦ ପ୍ରସ୍ତାବ ଦେଇଥିଲେ । ନିର୍ମାଣ ଶ୍ରମିକଙ୍କ ପଂଜିକରଣ ଓ ପଂଜିକୃତ ଶ୍ରମିକଙ୍କ ନବୀକରଣ କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରି କାର୍ଯ୍ୟାଳୟରେ ଅଧିକ କର୍ମଚାରୀଙ୍କ ମୁତୟନ ପାଇଁ ପ୍ରସ୍ତାବ ଦେଇଥିଲେ । ଏତଦ୍‌ବ୍ୟତୀତ ଶ୍ରମ କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ଲୋକ ଆସୁଥିବା ବେଳେ ସେମାନଙ୍କ ପାଇଁ ଏକ ପ୍ରତୀକ୍ଷାଳୟ କିମ୍ବା ଅଭ୍ୟର୍ଥନା କକ୍ଷର ବ୍ୟବସ୍ଥା କରିବାକୁ ଏହି ଅବସରରେ ନେତୃବୃନ୍ଦ ପ୍ରସ୍ତାବ ଦେଇ ଉପରୋକ୍ତ ବିଷୟ ପ୍ରତି ଯୁଗ୍ମ ଶ୍ରମ ଆୟୁକ୍ତ ଉଚିତ୍ ଧ୍ୟାନ ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ପ୍ରତିନିଧି ଦଳରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟା ରୁକସାନା ବେଗମ, ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କାର୍ଯ୍ୟନିର୍ବାହୀ ସଦସ୍ୟ ରତିକାନ୍ତ ମଲ୍ଲିକ, ରେହେମାନ ଖାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିରସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ (ଉଚ୍ଚବିଦ୍ୟାଳୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ) ମାନଙ୍କ ପାଇଁ ଏକାଦିକ୍ରମେ ୯ ଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୧୬।୪।୨୨ରିଖ ଠାରୁ ଆରମ୍ଭ ହୋଇଅଛି । ଉକ୍ତ ଶିବିରରେ ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, କଟକ, ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେଉଁଝର, ଖୋର୍ଦ୍ଧା, କୋରାପୁଟ, ନୟାଗଡ, ପୁରୀ, ରାୟଗଡା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ ଆଦି ଜିଲ୍ଲାରୁ ୨୦୫ ଜଣ ସ୍କାଉଟ ମାଷ୍ଟର ଏବଂ ୮୭ ଜଣ ଗାଇଡ୍ କ୍ୟାପଟେନ ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି । ତା୧୬।୪।୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଛାତ୍ରଛାତ୍ରୀମାନଙ୍କୁ ଭାଇ ଭଉଣୀର ସ୍ନେହ ଦେଇ ସ୍କାଉଟ ଓ ଗାଇଡ୍‌ର ମୂଳ ତତ୍ୱଭାବେ ଶିକ୍ଷାଦାନ କରି ସେମାନଙ୍କ ଚରିତ୍ର ସୁଧାରିବା ସକାଶେ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ତା୨୧।୪।୨୦୨୨ରିଖ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ତାଲିମ ସମାପ୍ତ ହେବା ପରେ ନିଜ ବିଦ୍ୟାଳୟରେ କିପରି ପିଲାମାନଙ୍କୁ ସ୍କାଉଟ ଗାଇଡ୍‌ରେ ମିଶି ଜଣେ ଜଣେ ଭଲ ସୁନାଗରିକ ହୋଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟ ତାଲିମ କମିଶନର (ସ୍କାଉଟ) ଶ୍ରୀ ସୁରଜିତ୍ ସେନ୍‌ଙ୍କ ତତ୍ୱାବଧାନରେ ସ୍କାଉଟ ବିଭାଗ ଏବଂ ରାଜ୍ୟ ତାଲିମ କମିଶନର (ଗାଇଡ୍) ପ୍ରିୟଦର୍ଶିନୀ ମହାପାତ୍ରଙ୍କ ତତ୍ୱାବଧାନରେ ଗାଇଡ୍ ବିଭାଗର ତାଲିମ ପରିଚାଳିତ ହୋଇଥିଲା।

## ଜୀ-ସାର୍ଥକ ଦେଖିଲେ ହୋଇପାରିବେ ଲକ୍ଷପତି



ଖୋର୍ଦ୍ଧା (ପିଏନ୍)-ଗୃହଲକ୍ଷ୍ମୀଙ୍କୁ ଲକ୍ଷପତି କରାଇବ ଜୀ-ସାର୍ଥକ। ଲୋକପ୍ରିୟ ଓଡ଼ିଆ ମନୋରଂଜନ ଚ୍ୟାନେଲ ଜୀ-ସାର୍ଥକରେ ଏନେଇ ଆରମ୍ଭ ହୋଇଯାଇଛି ଏକ ମେଗା ପ୍ରତିଯୋଗିତା। ଯାହାର ନାଁ ରହିଛି ହାତରେ ରିମୋଟ ଧରିଲେ ଗୃହଲକ୍ଷ୍ମୀ ଦେଖିଲେ ଜୀ-ସାର୍ଥକ ଆସିବେ ଲକ୍ଷ୍ମୀ। ଏପ୍ରିଲ ୯ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ମେ-୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରତିଦିନ ସନ୍ଧ୍ୟା ୭ଟା ୩୦ମିନିଟରେ ରାତି ୧୦ଟା ଭିତରେ ପ୍ରସାରିତ ହେଉଥିବା ଧାରାବାହିକ ସମୟରେ ଚ୍ୟାନେଲ ତରଫରୁ




ପଚରା ଯିବ କିଛି ସରଳ ପ୍ରଶ୍ନ। ଯାହାର ଉତର ଦେଇ ଗୃହ ଲକ୍ଷ୍ମୀ ହୋଇପାରିବେ ଲକ୍ଷପତି। ଏଥିରେ ଭାଗ ନେବା ପାଇଁ ଟିଭି ସ୍କ୍ରିନରେ ଦିଆଯାଇଥିବା ନମ୍ବରରେ ମିସ୍‌ଡ଼କଲ କରିବାକୁ ହେବ। ପ୍ରତିଦିନ ସଠିକ୍ ଉତର ଦେଇଥିବା ୧୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ହଜାରେ ଟଙ୍କାର ଭାଉଚର ମିଳିବ। ତେବେ ପୁରା ପ୍ରତିଯୋଗିତାରେ ଜଣେ ମେଗା ବିଜେତାଙ୍କୁ ଏକ ଲକ୍ଷ ଟଙ୍କା ନଗଦ ମିଳିବ ବୋଲି ଘୋଷଣା କରାଯାଇଛି। ଦର୍ଶକମାନେ ଏହାର ଲାଭ ଉଠାଇବାକୁ ଚ୍ୟାନେଲ ପକ୍ଷରୁ କୁହାଯାଇଛି।

## ଶ୍ରମିକଙ୍କୁ ସଂଶୋଧିତ ମଜୁରୀ ଓ ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କା ପ୍ରଦାନ କରାଯାଉ

ବ୍ରହ୍ମପୁର (ପିଏନ୍) : କେନ୍ଦ୍ର ସରକାରଙ୍କ ପକ୍ଷରୁ ନିକଟରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରିକୁ ସଂଶୋଧନ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଲାଗି ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତାକୁ ବୃଦ୍ଧି କରାଯାଇଛି। ଏହି ସଂଶୋଧିତ ହାରରେ ରାଜ୍ୟରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାରିଶ୍ରମିକ ବୃଦ୍ଧି ମଇ ୧ ତାରିଖ ଶ୍ରମିକ ଦିବସରୁ କାର୍ଯ୍ୟକାରୀ କରିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଉଟସୋର୍ସିଂରେ ବିଭିନ୍ନ ଦପ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସର୍ବନିମ୍ନ ଦରମା ୨୫ ହଜାର ବୃଦ୍ଧି କରାଯିବା ପାଇଁ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ରାଜ୍ୟ ଉପସଭାପତି ରବି ରଥ ଦାବି କରିଛନ୍ତି। ଶ୍ରୀ ରଥ କହିଛନ୍ତି ରାଜ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀମାନେ ମାସିକ ପ୍ରାୟ ୫ ଲକ୍ଷ ଟଙ୍କା ପାଉଥିବା ବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଦାବି କରାଯାଉଥିବା ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ। ସମାନ କାମକୁ ସମାନ ଦରମା କାର୍ଯ୍ୟକାରୀ କରିବା, ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା, ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା ଇତ୍ୟାଦି ଏଚ୍‌ଏମ୍‌ଏସ୍ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ମଇ ୧ ତାରିଖ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ସଂଗଠନର ସହବନ୍ଧିତ ସଂଗଠନଗୁଡ଼ିକର ସଦସ୍ୟମାନେ ଯୋଗଦେବାକୁ ନିବେଦନ କରାଯାଇଥିଲା। ସ୍ଥାନୀୟ ନବୀନ ଭବନ ପରିସରରେ ଏଚ୍‌ଏମ୍‌ଏସ୍ ସହ ସହବନ୍ଧିତ ସଂଗଠନଗୁଡ଼ିକର ଏକ ଜରୁରୀ ବୈଠକ ରାଜ୍ୟ ସଂଗଠନର ଉପସଭାପତି ରବି ରଥ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଉପରୋକ୍ତ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ଉପସଭାପତି ସୁକାନ୍ତ ମୁଖୀ, ରାଜ୍ୟ ସଂଗଠନର ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଏମକେସିଜି ମେଡିକାଲ କଲେଜ କର୍ମଚାରୀ ସଂଘର ସମ୍ପାଦକ ରାଜୁ ଚିନ୍ନା, ଗଞ୍ଜାମ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ଟୁନା ଜେନା, ଲାଲୁ ମୋହନ ବେହେରା, ସନ୍ତୋଷ କୁମାର ପଣ୍ଡିତ, ବିପିନ କୁମାର ନାୟକ, ଜିଇଡି କର୍ମଚାରୀ ସଂଘର ଉତ୍ସବ ସାବତ, ପଦ୍ମ ଚରଣ ନାୟକ, କେଶବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ସନ୍ଦେହ ଘେରରେ କେନ୍ଦୁଝରର ମହାବଳ ବାଘ ଛାଲ ଜବତ ଘଟଣା: ସଠିକ ତଦନ୍ତର ଆବଶ୍ୟକ

କେନ୍ଦୁଝର , (ପି.ଏନ): କେନ୍ଦୁଝରରେ ଜବତ ହୋଇଛି ମହାବଳ ବାଘର ଛାଲ । ଏହାକୁ ବନ ବିଭାଗର ଏକ ସଫଳତା ବୋଲି କୁହାଯାଇପାରେ ।କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବନଖଣ୍ଡ ଅଧିନସ୍ଥ ଦୈତାରୀ ରେଞ୍ଜ ଅନ୍ତର୍ଗତ ବୁଢିପଦା ଗ୍ରାମରୁ ଏହି ମହାବଳ ବାଘ ଛାଲକୁ ଉଦ୍ଧାର କରିବା ସହ ଏହି ଘଟଣା ସଂପୃକ୍ତ ଅଭିଯୋଗରେ ଜଣକୁ ମଧ୍ୟ ଅଟକ ରଖି ପଚରାଉଚରା କରୁଛି ବନ ବିଭାଗ । ଦୈତାରୀ ଥାନା ଅନ୍ତର୍ଗତ ବୁଢୀପଦା ଗ୍ରାମର ବିଟୁ ମହାକୁଡ ନାମକ ଜନୈକ ବ୍ୟକ୍ତି ଏକ ବାଘ ଛାଲ ଘରେ ରଖିଥିବା ସଂପର୍କରେ ବନ ବିଭାଗ ନିକଟରେ ସୂଚନା ପହଂଚିଥିଲା । ଏହି ସୂଚନାକୁ ଆଧାର କରି ବନ ବିଭାଗ କିଛି ଦିନ ହେବ ଟ୍ରାକ କରୁଥିଲା । ଗତକାଲି ରାତ୍ରୀରେ ବନ ବିଭାଗ ପକ୍ଷରୁ ହଠାତ ତାଙ୍କ ଘର ଉପରେ ଚଢାଉ କରାଯାଇ ବାଘ ଛାବ ଜବତ କରାଯିବା ସଂପୃକ୍ତ ବିଟୁ ମହାକୁଡକୁ ଅଟକ ରଖାଯାଇଛି । ଚଢାଉ ସମୟରେ ବିଟୁ ମହାକୁଡଡ ବନ ବିଭାଗକୁ ଚକମା ଦେଖାଇ ଖସି ପଳାଇ ଯାଉଥିବା ବେଳେ ହରିଚନ୍ଦନପୁର ସେନାପତି ଗ୍ରାମରୁ ତାକୁ ଧରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତ ବିଟୁ ମହାକୁଡ ଓ ବାଘଛାଲକୁ ଧରି ବନ ବିଭାଗ , ଦେଓଗାଁ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିବା ବେଳେ ଆଜି ପୁନର୍ବାର ସଂପୃକ୍ତ ବ୍ୟକ୍ତିଙ୍କୁ ଧରି ଅଧିକ ତଦନ୍ତ ପାଇଁ ବୁଢୀପଦ ଗଂାଯାଇଛନ୍ତି । ବିଟୁ ମହାକୁଡଙ୍କ କହିବାନୁଶାରେ ଏହି ଘଟଣାରେ ତାଙ୍କ ସହ ଆଉ ଦୁଇ ଜଣ ସାମିଲ ଥିବା ବେଳେ ତାଙ୍କ ବାପା ବାଘକୁ ବିଷ ଦେଇ ମାରିଦେଇଥିଲେ । କେନ୍ଦୁଝର ଜିଲ୍ଲାରେ ମହାବଳ ବାଘର ଉପସ୍ଥିତି ଆଜି ବି ସନ୍ଦେହ ଘେରରେ ରହିଥିବା ବେଳେ ଏମାନେ ମହାବଳ ବାଘ କୁ କେଉଁଠାରେ ଦେଖିବାକୁ ପାଇଥିଲେ ଏବଂ କେଉଁଠାରେ ବାଘକୁ ବିଷ ଦେଇ ମାରିଥିଲେ ଆଦି ସମସ୍ତ ଘଟଣା ସାଧାରଣରେ ଉନ୍ମୋଚିତ ହେବାର ଆବଶ୍ୟକ ରହିଛି । ତଥା ସଠିକ ତଦନ୍ତ ମାଧ୍ୟମରେ ସତ୍ୟ ସାମ୍ନାକୁ ଆସିବା ସପକ୍ଷରେ ଅଧିକ ମତ ପ୍ରକାଶ ପାଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଅଧିକରୁ ଅଧିକ ଗୁରତ୍ୱର ସହ ବିଚାର କରିବା ଆବଶ୍ୟକ ।

## ଗୁଳି ମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଭଗାମୁଣ୍ଡା:(ପି.ଏନ):ହରିଚନ୍ଦନପୁର ଥାନା ଶଗଡପଟା ପଂଚାୟତ ଖଡିବାହାଳି ଗ୍ରାମ ଛକ ନିକଟରେ ଦୋକାନୀ ଜଗବନ୍ଧୁ ମହାପାତ୍ରଙ୍କୁ ଗୁଳି ମାଡ ଘଟଣାରେ ବରିପାଳ ଗ୍ରାମର ସିପୁନ ପାତ୍ରକୁ ଗିରଫ କରିଛି ପୋଲିସ୍ । ସୂଚନା ଅନୁସାରେ ଗତ ୨୬ତାରିଖ ରାତିରେ ଦୁଇଜଣ ଯୁବକଙ୍କ ସହ ସାମାନ୍ୟ ବଚସାକୁ ନେଇ ଜଗବନ୍ଧୁଙ୍କ ଉପରେ ଜଣେ ଯୁବକ ଗୁଳି ମାଡ କରିଥିଲା । ଗୁରୁତର ଜଗବନ୍ଧୁଙ୍କୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ କରାଯାଉଥିଲା । ଗୁଳି ମାଡ କରିଥିବା ୨ଜଣ ଯୁବକ ମଧ୍ୟରୁ ଜଣେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିପୁନ୍ ପାତ୍ର ଫେରାର ହୋଇଯାଇଥିବା ବେଳେ ହରିଚନ୍ଦନପୁର ଥାନା କମଲାଙ୍ଗି ଗ୍ରାମର ପୃଥୀରାଜ ମହାନ୍ତ ଥାନାରେ ଆତ୍ମସମର୍ପଣ କିରଥିଲା । ତେବେ ଜଗବନ୍ଧୁଙ୍କ କଟକରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ୧୦ ତାରିଖ ଦିନ ଗ୍ରାମବାସୀ ମୃତଦେହକୁ ମୁଖ୍ୟ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଥିଲେ । ତେବେ ପୋଲିସ ମୁଖ୍ୟ ଅଭିଯୁକ୍ତ ସିପୁନ ପାତ୍ରକୁ ଗିରଫ କରିବାରେ ସଫଳ ହୋଇଛି ।

## ୪୦ତମ ଅଖିଳ ଭାରତ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ



ଭୁବନେଶ୍ୱର,(ପି.ଏନ): ୪୦ତମ ଅଖିଳ ଭାରତ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଙ୍ଗ କରି କୋଲକାତା ବନ୍ଦର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୩୮ ରନ କରିଥିଲା. ଜବାବରେ ମୁମ୍ବାଇ ବନ୍ଦର ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିପାରିଥିଲା. କୋଲକାତା ବନ୍ଦର ମ୍ୟାଚ୍‌ଟିକୁ ୩ ରନରେ ଜିତି ଫାଇନାଲରେ ପ୍ରବେଶ କରିଛି. ୨ୟ ସେମିଫାଇନାଲରେ ପାରାଦ୍ୱୀପ ବନ୍ଦର ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୩୩ ରନ କରିଥିଲା. ପାରାଦ୍ୱୀପ ତରଫରୁ ଅମିତ ସାହୁ ୬୬ ଓ ଅମୁଲ୍ୟ ସାମଲ ୫୫ ରନ କରିଥିଲେ. ଜବାବରେ କାଣ୍ଡଲା ବନ୍ଦର ୯ ଉଇକେଟ ବିନିମୟରେ ୧୫୧ ରନ କରିପାରିଥିଲା. ପାରାଦ୍ୱୀପ ବନ୍ଦର ମ୍ୟାଚ୍‌ଟିକୁ ୮୨ ରନରେ ଜିତି ନେଇଥିଲା. ପାରାଦ୍ୱୀପ ବନ୍ଦର ତରଫରୁ ଅମୁଲ୍ୟ ସାମଲ ଓ ଅମିତ ସାହୁ ୪ ଟି ଲେଖାଏଁ ଉଇକେଟ ନେଇଥିଲେ.ଆସନ୍ତା କାଲି ଫାଇନାଲରେ ପାରାଦ୍ୱୀପ ବନ୍ଦର କୋଲକାତା ବନ୍ଦରକୁ ଭେଟିବ. ମ୍ୟାଚ୍‌ଟିକୁ ଉପଭାଗ କରିବା ପାଇଁ ବନ୍ଦର ଉପାଧ୍ୟକ୍ଷ ଏ କେ ବୋଷ ତଥା ବିଭାଗ ମୁଖ୍ୟ ମାନେ ଉପସ୍ଥିତ ଥିଲେ.

## କନକ ଉଦ୍ୟାନକୁ ଉଦ୍‌ଘାଟନ କଲେ ବିଧାୟକ

ଆନନ୍ଦପୁର,(ପି.ଏନ):ଶାଳପଡା କନକମରୀ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ପକ୍ଷରୁ ନିର୍ମାଣ ହୋଇଥିବା ବିଜ୍ଞାନଗାର 'କନକ ଉଦ୍ୟାନ' ଛାତ୍ରୀ ନିବାସରେ ନିର୍ମାଣ ହୋଇଥିବା କସ୍ତୁରୀ ବାଟିକା ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମସ୍ତ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଆନନ୍ଦପୁର ଉପଜିଲ୍ଲାପାଳ ଗୋପୀନାଥ କୁଅଁର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନୂତନ ଛାତ୍ରୀ ନିବାସ ନିର୍ମାଣ ପାଇଁ ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛାତ୍ରୀ ନିବାସର ପରିଚାଳିକା ଅଧାପିକା ସୌଦାମିନୀ ପାଇକରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ଦେବସ୍ମିତା ଜେନା ଛାତ୍ରୀ ନିବାସର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଧାପିକା ମନୋରମା ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଛାତ୍ରୀ ନିବାସର ସହପରିଚାଳିକା ଗୀତାଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଦୁର୍ଘଟଣାରେ ଅକର୍ମଣ୍ୟ ବିଜୟକୁ ପ୍ରଧାନମନ୍ତ୍ରୀ ଆବାସ ଦାବି

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ ପଂଚାୟତ ଜଙ୍ଗାର ଗ୍ରାମର ଅକର୍ମଣ୍ୟ ବିଜୟ କୁମାର ଘଡେଇଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଦାବି ହୋଇଛି । ସୂଚନାଯୋଗ୍ୟ ଯେ ଜଙ୍ଗାର ଗ୍ରାମର ପଦ୍ମନାଭ ଘଡେଇଙ୍କ ପୁତ୍ର ବିଜୟ କୁମାର ଘଡେଇ ଆଜକୁ ୨ ବର୍ଷ ପୂର୍ବେ ଏକ ସଡକ ଦୁର୍ଘଟଣାରେ ମେରୁଦଣ୍ଡ ହାଡ ଭାଙ୍ଗିଯିବା କାରଣରୁ ଅକର୍ମଣ୍ୟ ହୋଇ ଘରେ ପଡି ରହିଥିବା ବେଳେ ଘରର ପାରିପାର୍ଶ୍ୱିକ ଅବସ୍ଥା ଅତି ଦୟନୀୟ ହୋଇ ପଡିଥିବା ଦେଖିବାକୁ ମିଳିଛି । ବାପା ପଦ୍ମନାଭ ଜଣେ ଦିନ ମଜୁରିଆ ଭାବେ କାମ କରି ଘର ଚଳାଇବା ଅସମ୍ଭବ ହୋଇ ପଡିଥିବା ବେଳେ ରୋଜଗାରିଆ ପୁଅ ଅକର୍ମଣ୍ୟ ହୋଇଯିବା କାରଣରୁ ତାକୁ ଉତ୍ତମ ଚିକିତ୍ସା ମଧ ଯୋଗାଇ ପାରୁନାହାଁନ୍ତି । ସେମାନଙ୍କ ପରିବାର ଗୋଟିଏ ଭଙ୍ଗା ଚାଳଘରେ ଜୀବନ ବିତାଉଥିବା ବେଳେ ବିଜୟଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସରେ ଖଣ୍ଡିଏ ଘର ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ଦାବିରେ ଓଡ଼ିଶା ଭୋକେଶନାଲ ଟ୍ରେନର୍ସ ଆସୋସିଏସନର ବିକ୍ଷୋଭ




ଭୁବନେଶ୍ୱର,(ପି.ଏନ): ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇଛୁ। ଏପରିକି ଭୋକେଶନାଲ ସଚିବ, ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସହିତ ଆମର ସମସ୍ୟା ବିଷୟରେ ଆଲୋଚନା ହେଲେ କିଛି ସୁଫଳ ନ ମିଳିବାରୁ ରାସ୍ତାକୁ ଆସି ବିକ୍ଷୋଭ କରୁଛୁ ବୋଲି ଓଡ଼ିଶା ଭୋକେଶନାଲ ଟ୍ରେନର୍ସ ଆସୋସିଏସନର ରାଜ୍ୟ ସଭାପତି ସୁନୀଲ ଦେବତା କ୍ଷୋଭର ସହ ପକାଶ କରିଛନ୍ତି। ଓଡ଼ିଶାର ସବୁ ଜିଲ୍ଲାରୁ ଭୋକେଶନାଲ ଟ୍ରେନର୍ସ ମାନେ ସଚିବାଳୟ ପଛପାଖରେ ଥିବା ଶିକ୍ଷାସୌଧ ଅଫିସ ସମ୍ମୁଖରେ ନିଜର ଦାବି ପାଇଁ ଏକାଠି ହୋଇ ବିକ୍ଷୋଭ କରିଥିଲେ। ସେମାନେ କହିଥିଲେ ଯେ ଆମ୍ଭେମାନେ ସମସ୍ତେ ପୋଷ୍ଟ ଗ୍ରାଜୁଏଟ। ଏପରିକି ଆମ ଭିତରେ ବହୁ ଟ୍ରେନର୍ସ ଓୟୁଏଯିରୁ ବିଏସିଏଜି ପାସ୍ କରି ବିଭିନ୍ନ ଜିଲ୍ଲାରେ ବିଭିନ୍ନ କମ୍ପାନୀ ଅଧିନରେ କାର୍ଯ୍ୟରତ ଅଛୁ। ହେଲେ କମ୍ପାନୀମାନେ ଆମକୁ ମନଇଚ୍ଛା ଦରମା ଦେଉଛନ୍ତି। ଆମେ ନିୟମିତ ଦରମା ପ୍ରଦାନ କରିବାକୁ କହିବା ପରେ ସେମାନେ ଆମକୁ ଛଟେଇର ଧମକ ଦେଉଛନ୍ତି ଏବଂ କିଛି ପିଲାଙ୍କୁ ମଧ୍ୟ ଛଟେଇ କରିଛନ୍ତି । ଏପରିକି ପ୍ରତି ମାସରେ ଦରମା ନଦେଇ ମାନସିକ ନିର୍ଯ୍ୟାତନା ଦେଉଥିବାରୁ ଆମେ କିପରି ପରିବାର ପ୍ରତିପୋଷଣ କରିବୁ ବୋଲି ଭୋକେଶନାଲ ଟ୍ରେନର୍ସ ସଂଘର କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି।

## ମଇଁଷି ଖାଇବାରୁ ମହାବଳକୁ ହତ୍ୟା

ଆନନ୍ଦପୁର,(ପି.ଏନ):ଦେଓଗାଁ ରେ ଅନ୍ତର୍ଗତ ରେବଣାପଳାଶପାଳ ଜଙ୍ଗଲରେ ମହାବଳ ବାଘ ହତ୍ୟା କରାଯିବା ଘଟଣା ଏବେ ବନ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି । ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଦେଓଗାଁ ରେର ବେରଣାପଳାସପାଳ ପଂଚାୟତ ଅନ୍ତର୍ଗତ ବୁଧପଡା ଗ୍ରାମରେ ବାଘ ଚମଡା ଥିବା ନେଇ କୌଣସି ସୂତ୍ରରୁ ଖବର ପାଇ କେନ୍ଦୁଝର ବନଖଣ୍ଡ ବୁଟୁ ମହାକୁଡ(୩୦)ଙ୍କ ପାଖରୁ ମହାବଳ ବାଘ ଚମଡା ଜବତ କରାଯିବା ସହିତ ତାକୁ ଗିରଫ କରାଯାଇଛି । ବୁଟୁଙ୍କ କହିବା କଥା ହେଉଛି ବୁଟୁ ରେବଣାବଳାଶପାଳ ଜଙ୍ଗଲରେ ମଇଁଷି ପାଳିଛନ୍ତି ତେଣୁ ନିୟମିତ ଭାବେ ଏହି ଜଙ୍ଗଲରେ ମଇଁଷି ଚରିଥାନ୍ତି । ତେବେ ଗତ ଦୁଇ ମାସ ତଳେ ତାଙ୍କର ଏକ ମଇଁଷିକୁ କେହି ଖାଇ ଦେଇଥିବା ଜାଣିବା ପରେ ବାଘ ଖାଇଥିବା କସନ୍ଦେହ କରିଥିଲା । ଏହାପରେ ସେ ମୃତ ମଇଁଷି ମାଂସରେ ବିଷ ଦେଇଥିଲା।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ବ୍ରାଣ୍ଡ ଷ୍ଟିଲ କାରଖାନା ଫାଟକ ସମ୍ମୁଖରେ ନିଯୁକ୍ତି ଦାବୀରେ ଜମିହରାଙ୍କ ଆନ୍ଦୋଳନ ଜାରୀ




କେନ୍ଦୁଝର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ପଞ୍ଚାୟତର ମୁରୁସୁଆଁ ଗ୍ରାମରେ ୨୦୧୦ ରୁ କାର୍ଯ୍ୟକ୍ଷମ ବ୍ରାଣ୍ଡ ଷ୍ଟିଲ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ କାରଖାନା ପାଇଁ ଜମି ହରାଇଥିବା ପରିବାର ପକ୍ଷରୁ ନିଯୁକ୍ତି ଦାବିରେ ୧୯ ତାରିଖଠାରୁ କାରଖାନା ମୁଖ୍ୟ ଫାଟକକୁ ଅବରୋଧ କରି ଆନ୍ଦୋଳନ ଆରମ୍ଭ ହୋଇଛି। କାରଖାନା ପ୍ରତିଷ୍ଠା ହେଲେ ଜମିହରାଙ୍କୁ ନିଯୁକ୍ତି ସହ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଭଳି ଲୋଭାଣିଆ ପ୍ରତିଶୃତି ଦେଇ ପଶ୍ଚିମବଙ୍ଗ ରାଜ୍ୟର ଜଣେ ଅଣଓଡିଆ ଶିଳ୍ପପତି ଶାଗମାଛ ଦରରେ ୨୦୦୪ ମସିହାରେ ୨୨.୪୬ ଏକର ଜମି ମୁରୁସୁଆଁ ଗ୍ରାମ ବାସୀଙ୍କ ଠାରୁ ଜମି କ୍ରୟ କରି କାରଖାନା ନିର୍ମାଣ ଆରମ୍ଭ କରିଥିଲେ। କାରଖାନା ନିର୍ମାଣ ଶେଷ ହୋଇ ଉତ୍ପାଦନକ୍ଷମ ହେଲେ ନିଯୁକ୍ତି ମିଳିବ ଏହି ଆଶାରେ ଜମିହରା ଏବଂ ସ୍ଥାନୀୟ ପ୍ରଭାବିତ ଗ୍ରାମବାସୀ କାରଖାନା କର୍ତ୍ତୃପକ୍ଷଙ୍କୁ ଅକୁଣ୍ଠ ସମର୍ଥନ ମଧ୍ୟ ଯୋଗାଇ ଆସିଲେ। ୨୦୧୦ ରୁ କାରଖାନା ତା'ର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଥିବାବେଳେ ହାତଗଣତି କିଛି ଜମିହରାଙ୍କୁ ମାସିକ ସ୍ୱଳ୍ପ ବେତନରେ ନିଯୁକ୍ତି ଦେଇ ଅବଶିଷ୍ଟ ୨୦ ଜଣ ଜମିହରାଙ୍କୁ କାରଖାନା କାର୍ଯ୍ୟକ୍ଷମର ୧୨ ବର୍ଷ ପରେ ମଧ୍ୟ ନିଯୁକ୍ତି ଦିଆନଯିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଜମିହରାଙ୍କ ପ୍ରତି ଉଦାସୀନ ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି। କମ୍ପାନୀ ଜମି ହାତେଇବା ପରେ ନିଯୁକ୍ତି ନଦେବାରୁ ଜମିହରାଙ୍କ ପକ୍ଷରୁ ନିଯୁକ୍ତି ଦାବିରେ କାରଖାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ବହୁ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ସମେତ ଜିଲ୍ଲା ଓ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ବୁଧବାରଠାରୁ ବାଧ୍ୟ ହୋଇ କାରଖାନା ମୁଖ୍ୟ ଫାଟକକୁ ଅବରୋଧ କରି ଆନ୍ଦୋଳନରେ ସାମିଲ ହୋଇଛୁ ବୋଲି ଜମିହରା ନିଯୁକ୍ତି ଆଶାୟୀ ରଣଜିତ୍ ମହାନ୍ତ,ଦୁଷ୍ମନ୍ତ ମହାନ୍ତ,ଲକ୍ଷ୍ମିଧର ମହାନ୍ତ,ଅଲେଖ ମହାନ୍ତ,ଚିତ୍ତରନ ମହାନ୍ତ,ପରମାନନ୍ଦ ମହାନ୍ତ,ଦିଲ୍ଲୀପ ମହାନ୍ତ,ଚିତ୍ତରନ ମହାନ୍ତ,ଲାଲମୋହନ ମହାନ୍ତ,ଅଖିଳ ମହାନ୍ତ,ଡମ୍ବରୁଧର ମହାନ୍ତ,ବଳଭଦ୍ର ମହାନ୍ତ,ଗୋପାଳଚନ୍ଦ୍ର ମହାନ୍ତ,ନିର୍ମଳମାଝୀ,ଅନୀଲ ମାଝୀ,ମଙ୍ଗଲୁ ମୁଣ୍ଡା,ଉମେଶ ପାତ୍ର,ନରେଶ ପାତ୍ର ଜମିହରାଙ୍କୁ ସମର୍ଥନ ଜଣାଇ ପଳାଶପଙ୍ଗା ସରପଞ୍ଚ ବାସନ୍ତୀ ନାଏକ,ସମିତିସଭ୍ୟ ସୟ କୁମାର ନାଏକ ଓ ଜିଲ୍ଲା ପରିଷଦ ସଦସ୍ୟ ଲୀଳାବତୀ ମହାନ୍ତ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିବାବେଳେ ଜମିହରାଙ୍କ ଦାବି ପୂରଣ ନେଇ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଆଲୋଚନା କରିନଥିବା ଜଣାପଡିଛି। ଏଥିପୂର୍ବରୁ ୨୦୧୫ ମସିହାରେ ଜମିହରାମାନେ ଆନ୍ଦୋଳନ କରିବାରୁ ୧ ବର୍ଷରୁ ଉର୍ଦ୍ଧ ସମୟ ଧରି ବନ୍ଦ ରହିଥିଲା। ପ୍ରଶାସନ,ଜମିହରା ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପରେ ୫୯ ଜଣଙ୍କୁ ନିଯୁକ୍ତି ଦେବା ପରେ କାରଖାନା ପୁନଃ ଉତ୍ପାଦନ ଆରମ୍ଭ କରିଥିଲା। ଉକ୍ତ ସମୟରେ ବହୁ ଜମିହରା ଲୋକ ପଡିଥିଲେ। ଦୀର୍ଘ ୭ ବର୍ଷ ପରେ ପୁଣି ଆନ୍ଦୋଳନ କୁ ଓହ୍ଲାଇଛନ୍ତି ଜମିହରା ଲୋକ। କମ୍ପାନୀ ପକ୍ଷରୁ ଜମିହରା ପରିବାରର ନିଯୁକ୍ତି ସୁଯୋଗ ରୁ ବଂଚିତ ହୋଇଥିବା ୨୦ ଜଣଙ୍କୁ ତୁରନ୍ତ ଚୁକ୍ତି ମୁତାବକ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି। କମ୍ପାନୀ ଜାମୁଡିହା ସ୍କୁଲ ଛକ ଠାରୁ କାରଖାନା ଗେଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ଭାରୀଯାନ ଚଳାଚଳ କରି ଗାଁ ରାସ୍ତା ନଷ୍ଟ କରୁଥିବା ଜାମୁଡିା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କମ୍ପାନୀ ନିଜସ୍ୱ ରାସ୍ତା ନ କରି ଗାଁ ରାସ୍ତା ନଷ୍ଟ କରୁଥିବାରୁ ପିଚୁ ରାସ୍ତା ଖୁବ କମ ଦିନରେ ନଷ୍ଟ ହୋଇ ଗମନାଗମନ ଅନୁପଯୋଗୀ ହୋଇପଡୁଛି।

## କେନ୍ଦୁପତ୍ର ତୋଳାଳୀ ଚପରାସି ମୁନସୀ ମାନଙ୍କର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ବଲାଙ୍ଗିର, (ପି.ଏନ): କେନ୍ଦୁପତ୍ର ପଶ୍ଚିମ ଓଡ଼ିଶାର ଏକ ଅର୍ଥକାରୀ ଫସଲ । କେନ୍ଦୁପତ୍ର ଉପରେ ନିର୍ଭର କରି ଲକ୍ଷାଧିକ ପରିବାର ନିଜର ପେଟ ପୋଷୁଛନ୍ତି। କେନ୍ଦୁପତ୍ର ଜୀବନ ଜୀବିକାର ଅନ୍ୟ ଏକ ଆଶାବାଡ଼ି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରବଳ ଖରାରେ ମହିଳା ମାନେ ନିଜ ନିଜ ପିଲା ଛୁଆଙ୍କୁ ଛାଡି କେତେ ପରିଶ୍ରମ କରି ନିଜ ଜୀବନକୁ ବାଜି ଲଗେଇ କେନ୍ଦୁପତ୍ର ତୋଳିଥାନ୍ତି । ନା ଜୀବଜନ୍ତୁଙ୍କୁ ଡରଥାଏ, ନା ସାପ କିମ୍ବା ବିଷଧର କୀଟ ପତଙ୍ଗଙ୍କୁ ଡରଥାଏ । ବହୁତ କଷ୍ଟରେ ପତ୍ର ସଂଗ୍ରହ କରିଥାନ୍ତି । ପତ୍ର ତୋଳି ଘରକୁ ଆସି ପୁଣି ପତ୍ର ବନ୍ଧେଇ କାର୍ଯ୍ୟରେ ଲାଗି ପଡନ୍ତି। ଗୋଟିଏ ପଟେ ରନ୍ଧା କାର୍ଯ୍ୟ ଥାଏ ତ ଗୋଟିଏ ପଟେ ନିଜ ପିଲା ଛୁଆଙ୍କ ଦେଖାରେଖା କରିବା । ପତ୍ରକୁ ବାନ୍ଧି ସାରିଲା ପରେ ପାଖରେ ଥିବା ଫଡ଼ି ଘରକୁ ଶୁଖେଇ ନିଅନ୍ତି । ଏହି ସମୟରେ ବିଭାଗୀୟ ଅଧିକାରୀ ମାନଙ୍କ ଅତ୍ୟାଚାର ବଢିଯାଏ, କେତେ କଟନୀ ଛଟନି କେତେ ନୀତି ନିୟମ ଦେଖେଇଥାନ୍ତି । ସେ ଭିତରେ ମୁନସୀ, ଚପରାସି ମାନଙ୍କୁ ବିଭାଗୀୟ ଅଧିକାରୀ ମାନେ କେତେ ତାଗିତ କରିଥାନ୍ତି, କାମ ଉପରେ କାମର ବୋଝ ଦେଇ ଚାଲିଥାନ୍ତି । ପ୍ରତ୍ୟେକ ବର୍ଷ ଫଡ଼ି ମରାମତି ନାଁ ରେ ଅର୍ଥ ଶ୍ରାଦ୍ଧ କରି ହରିଲୁଟ କରି ମୁନସୀ, ଚପରାସୀ ମାନଙ୍କ ମୁଣ୍ଡରେ ଅଠା ବୋଲି ଦିଅନ୍ତି । କେତେକେତେ ଜାଗାରେ ନଡ଼ା ବଦଳରେ ସାଧା ପୁଆଲ ଦେଇ ଦେଉଛନ୍ତି । ଫଡ଼ିର ମରାମତି କାମରେ ଲାଗିଥିବା ଶ୍ରମିକ ମାନଙ୍କୁ ମଧ ପାଉଣା ଦେବାରେ ବିଳମ୍ବ, ମୁନସୀ, ଚପରାସି ମାନେ ନିଜ ପଇସାରେ ବିଭିନ୍ନ ସାମଗ୍ରୀ ଲଗେଇଥିଲେ ମଧ ତାର ପାଉଣା ପାଇବା ବିଳମ୍ବ କରିଥାନ୍ତି । ତୋଳାଳୀ ମାନଙ୍କ ପତ୍ର ଖରଦୀ କରିବା ବଦଳରେ ମନସୀ, ଚପରାସି ମାନଙ୍କୁ ଟାର୍ଗେଟ ସରିଗଲା ବୋଲି ଧମକ ଚମକ ଦେଇଥାନ୍ତି। କେନ୍ଦୁପତ୍ର ମିଳୁଥିଲେ ମଧ ପତ୍ର ନ ତୋଳିବା ପାଇଁ ବାଧ୍ୟ କରୁଛନ୍ତି । ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ଅନେକ ସେକ୍ସନରେ କେତେ ଜଣ ଫରେଷ୍ଟର ଠିକ କାର୍ଯ୍ୟ ତୁଲାଇ ତୋଳାଳୀ, ଚପରାସି ଓ ମୁନସୀ ମାନଙ୍କ ହୃଦୟ ଜିତିଥିବା ବେଳେ ପାଟଣାଗଡ଼ ରେଞ୍ଜ ଅନ୍ତର୍ଗତ କେନ୍ଦୁମୁଣ୍ଡି ସେକ୍ସନର ଫରେଷ୍ଟର ଅନ୍ତର୍ଯ୍ୟାମୀ ପଟେଲ ମାନମୁଖୀ ଶାସନ ଚଳାଉଛନ୍ତି । ତୋଳାଳୀ, ଚପରାଶି ଓ ମୁନସୀ ମାନଙ୍କୁ ଭଲ ବ୍ୟବହାର ଦେଖାଉନାହାନ୍ତି । ଠିକ ଭାବେ କାର୍ଯ୍ୟ ସମ୍ପାଦନ କରୁନାହାନ୍ତି ଏଣୁ ଏହି ଫରେଷ୍ଟରଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଅନ୍ୟତ୍ର ବଦଳି କରିବାକୁ ଦୃଢ଼ ଦାବୀ କରାଯାଇଛି । ତୋଳାଳୀ, ମୁନସୀ ଓ ଚପରାସି ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଜି ପଶ୍ଚିମ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓଡ଼ିଶା, ପି ସି ସି ଏଫ ଓଡ଼ିଶା ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।ଦାବିପତ୍ର ପ୍ରଦାନ ସମୟରେ ଗିରିରାଜ ଭୋଇ, ଲଳିତ ମଲ୍ଲିକ,ବାଳମକୁନ୍ଦ କୁଅଁର, କୁଞ୍ଜବିହାରି ଧରୁଆ,ନିହାର ଧରୁଆ, ଚୈତନ୍ୟ ସୁନା ଓ ସଂଘର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।




Bhubaneswar Sunday May 22, 2022 ଭୁବନେଶ୍ୱର ରବିବାର, ମଇ ୨୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ରାଜିବ ଗାନ୍ଧିଙ୍କ ତିରୋଧାନ ଦିବସ ପାଳିତ ଓ ସାଂଗଠନିକ ଆଲୋଚନା

ଯାଜପୁର ,(ପି.ଏନ) : ରାଜିବ ଗାନ୍ଧିଙ୍କ ୩୧ତମ ତିରୋଧାନ ଦିବସ ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ଯାଜପୁର ଜିଲ୍ଲା ଦାୟିତ୍ୱରେ ଥିବା ଜିଲ୍ଲା କଂଗ୍ରେସ ନିର୍ବାଚନ ଅଧିକାରୀ ଦେବୁ ଚାଟାର୍ଜି ଯୋଗଦେଇଥିଲେ । ସଭାପତି ଶ୍ରୀ ରାଉତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତର ରତ୍ନ ରାଜିବ ଗାନ୍ଧିଙ୍କ ଅବଦାନ ଭାରତବାସୀଙ୍କ ପାଇଁ ଅମୂଲ୍ୟ ସଂପଦ ହୋଇଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଥିବା ନିର୍ବାଚନ ଅଧିକାରୀ ଶ୍ରୀ ଚାଟାର୍ଜି ରାଜିବଗାନ୍ଧିଙ୍କ ଚିନ୍ତାଧାରା ଓ ଦେଶକୁ ଆଗକୁ ନେବାର ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ଯାଜପୁର ବିଧାନସଭା ପ୍ରାର୍ଥୀ ସନ୍ତୋଷ ନନ୍ଦ ରାଜିବ ଗାନ୍ଧିଙ୍କ ପ୍ରାଣବଳୀ ଉପରେ ଆଲୋଚନା କରିଥିଲେ ।




ଅନ୍ୟତମ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ନିର୍ବାଚନ ଅଧିକାରୀ ଅଭିଜିତ୍ ଦତ ସଭାରେ ଯୋଗଦେଇ ନିଜର ବକ୍ତବ୍ୟ ଦେଇଥିଲେ । ୨ ନିର୍ବାଚନ ଅଧିକାରୀ ଦଳର ସାଂଗଠନିକ ଉପରେ ଉପସ୍ଥିତ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ସଭାରେ ନାରାୟଣ ସାମନ୍ତ, ଦିଗମ୍ବର କର, ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, କନକଲତା ମଲ୍ଲିକ, ଅମୀୟ ଜେନା, ଦେବେନ୍ଦ୍ର ପଣ୍ଡା, ବିଭୂତି ମହାପାତ୍ର, ଗଦାଧର ଦାସ, ମନୋଜ ରାଜ, ମୀହିର ମିଶ୍ର, କିଷାନ ପଣ୍ଡା, ସନ୍ତୋଷ ବେହେରା, ଆଲୋକ ବେହେରା, ମଧୁସୁଦନ ସାହୁ, ନିରଞ୍ଜନ ନାୟକ, ସଂଗ୍ରାମ ସାହାଣୀ, ମାନସ ରଂଜନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଜେନା, ରାଜିବ ମହାପାତ୍ର, ନିକୁଞ୍ଜ ସାମଲ, ସଂଗ୍ରାମ ଜେନା, ଦିଲ୍ଲିପ ଦାସ, ବିଳାଶ ରାଉତରାୟ, ଗଣେଶ୍ୱର ଦାସ, ଅରଜିତ ନାୟକ, ବିଦ୍ୟାଧର ବାରିକ, ରଘୁନାଥ ସାହୁ, ଅକ୍ଷୟ ଶତପଥି, ବିଜୟ କୁମାର ମହାପାତ୍ର, କପିଳେଶ୍ୱର ଦଳାଇ, ଦେବଶିଷ ପରିଡା, ରବିନ୍ଦ୍ର କୁମାର ରଣା, ଗୋବିନ୍ଦ ସାହୁ, ପରିମଳ ବିଶ୍ୱାଳ, ନକୁଳ ସାହୁ, ମାନସ କୁମାର ଦାସ, ଉମାକାନ୍ତ ବେହେରା, ମହେନ୍ଦ୍ର ମଲ୍ଲିକ, ଅଭିମନ୍ୟୁ ମାଝୀ ପ୍ରମୁଖ ଯୋଗଦେଇଥିଲେ । ସର୍ବଶେଷରେ ଜିଲ୍ଲା ଦଳିତ ସେଲର ସଭାପତି ଦର୍ଯ୍ୟୋଧନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବସ୍ତି ବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ୧୭ ନମ୍ବର ଓାର୍ଡ ଅ'ର୍ଗତ ପଥରବନ୍ଧର ବେହେରା ସାହି ଓ ବିଶେଶ୍ୱର ବସ୍ତିରେ ୫ଟି ଅ'ର୍ଗତ ଜାଗା ସମ୍ପର୍କ ମାଧ୍ୟମରେ ବସ୍ତି ବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବସ୍ତି ଉନ୍ନୟନ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୧୭ ନମ୍ବର ଓାର୍ଡର କର୍ପୋରେଟର ପୂଜା ମହାରଣା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ କହିବା ସହିତ ୫ଟି ମାଧ୍ୟମରେ କିପରି ଉନ୍ନତି କରଣ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓାର୍ଡ ଅଧିକରୀ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବସ୍ତି ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରି ଜାଗା ମିଶନର ଶୁଭାରମ୍ଭ କରାଯାଇଥିଲା ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଖୋର୍ଦ୍ଧା,(ପି.ଏନ):କାଇପଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବଳିଆରସିଂହଙ୍କ ଅବସରକାଳୀନ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କଲ୍ୟାଣୀ କୁମାରୀ ତ୍ରିପାଠଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ବଳିଆରସିଂହଙ୍କୁ ତାଂକର ଜୀବନବ୍ୟାପୀ ଶିକ୍ଷାଦାନ, ଶୃଙ୍ଖଳତା ଓ କର୍ତବ୍ୟପରାୟଣତା ପାଇଁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତି ଓ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ବିଜୟ କୁମାର ମହାପାତ୍ର, ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ବିଚିତ୍ରାନନ୍ଦ ଚମ୍ପତିରାୟ, ସନାଉଲ୍ଲା ଖାଁ, ନିରୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବେଣୁଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନ କରିଥିବାବେଳେ ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶର ସାମଗ୍ରୀକ ବିକାଶରେ ରାଜୀବୀଜୀଙ୍କ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ : କଂଗ୍ରେସ

ରାଉରକେଲା, (ପି.ଏନ) : ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅଖିଳ ଭାରତୀୟ କଂଗ୍ରେସ କମିଟିର ପୂର୍ବତନ ସଭାପତି, ଭାରତରତ୍ନ ସ୍ୱର୍ଗୀୟ ରାଜୀବ ଗାନ୍ଧୀଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ଆଜି ସକାଳ ୮ଟା ବେଳେ ଟ୍ରାଫିକ୍ ଛକସ୍ଥିତ ରାଜୀବଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମବେତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ ସ୍ମୃତିଚାରଣ ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଅଧକ୍ଷତା କରିଥିଲେ । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଦେଶପ୍ରତି ରାଜୀବଜୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି ଆଜିର କମ୍ପ୍ୟୁଟର ବିପ୍ଳବ ଓ ଡିଜିଟାଲ ଇଣ୍ଡିଆ, ପଞ୍ଚାୟତିରାଜ ଓ ନଗରପାଳିକା ବ୍ୟବସ୍ଥାରେ ସବୁବର୍ଗର ଲୋକମାନଙ୍କ ଅଂଶଗ୍ରହଣ ତଥା ଦେଶକୁ ବିଶ୍ୱଦରବାରରେ ଏକ ପ୍ରତିଷ୍ଠିତ ଶକ୍ତି ଭାବେ ଉପସ୍ଥାପିତ କରିବା ପାଇଁ ତାଙ୍କର ନିଷ୍ଠାପର ଉଦ୍ୟମ ତାଙ୍କୁ ଚିରସ୍ମରଣୀୟ କରିରଖିବ ବୋଲି କହିଥିଲେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବକମାନଙ୍କୁ ସାମିଲ୍ କରିବା ପାଇଁ ୧୮ ବର୍ଷ ବୟସରେ ଭୋଟ୍ ଦାନ ଅଧିକାର ଦେବା ତାଙ୍କର ଏକ ଯୁଗା'କାରୀ ପଦକ୍ଷେପ ଥିଲା ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶାସନ ବ୍ୟବସ୍ଥାରୁ ଦୁର୍ନୀତିକୁ ସମୂଳେ ହଟାଇବା ପାଇଁ ଆବଶ୍ୟକୀୟ ଉଦ୍ୟମ ରାଜୀବଜୀ ଆରମ୍ଭ କରିଥିଲେ ବୋଲି କହିଥିଲେ । ତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣୀତ ହୋଇ ରାଷ୍ଟ୍ରକଲ୍ୟାଣ କାର୍ଯ୍ୟରେ ନିଜ ନିଜକୁ ସମର୍ପିତ କଲେ ତାହା ତାଙ୍କ ପ୍ରତି ସବୁଠାରୁ ବଡ ଶ୍ରଦ୍ଧାଳି ହେବ ବୋଲି ଶ୍ରୀ ସେନାପତି କହିଥିଲେ । ଏହି ସଭାରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ରାଜୀବୀଜୀଙ୍କ ପ୍ରତି ସେମାନଙ୍କ ଶ୍ରଦ୍ଧା ଓ ସମ୍ମାନ ତଥା ତାଙ୍କ ପ୍ରଦର୍ଶିତ ମାର୍ଗରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବା ସଂକଳ୍ପ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଜିଲ୍ଲା କଂଗ୍ରେସ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତ'1, ମୁଖପାତ୍ର କୈଳାସ ସାହୁ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ ଓ ତୁଳସୀ ନାଗ, ଜିଲ୍ଲା କଂଗ୍ରେସର କାର୍ଯ୍ୟ ନିର୍ବାହୀ ରୁକସାନା ବେଗମ, ଦିଲ୍ଲୀପ ଜେନା, ଓବିସି ଅଧକ୍ଷ ତ୍ରୈଲୋଚନ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ଉପସଭାପତି କୃପାସାଗର ସିଂହ, ସେବାଦଳର ବୁଲୁ ଦାସ, ବରିଷ୍ଠ ନେତା ରେହେମାନ ଖାନ, ରଜନୀକା' ପାତ୍ର, ପ୍ରବୀର ପଟ୍ଟନାୟକ, ସୁଲତା ସାମଲ, ଯୁବନେତା ସାକିର ହୁସେନ ଓ ନବାବ ଖାନ ପ୍ରମୁଖଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହି ରାଜୀବୀଜୀଙ୍କ ପ୍ରତି ଶ୍ରଦ୍ଧାଳି ଅର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଖୋରଧା ଜିଲ୍ଲା ଅଲ ଓଡ଼ିଶା ଅଙ୍ଗନଓ୍ୱାଡ଼ି ଲେଡ଼ିଜ୍ ଓ୍ୱାର୍କର୍ସ ଆସୋସିଏସନର ୪ର୍ଥ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ




ଖୋର୍ଦ୍ଧା,(ପି.ଏନ):୧୯୭୫ ମସିହା ଦୀର୍ଘ ୪୭ ବର୍ଷ ଅଙ୍ଗନଓ୍ୱାଡ଼ି ପ୍ରୋଜେକ୍ଟ ଚାଲିଲା ପରେ ମଧ୍ୟ ଏହି ବିଭାଗରୁ ପ୍ରୋଜେକ୍ଟ ଶବ୍ଦ ଉଚ୍ଛେଦ ନ ହେବା ବଡ଼ ପରିତାପର ବିଷୟ । ପ୍ରୋଜେକ୍ଟ ଶବ୍ଦଟି ଆଜି ଧୀରେ ଧୀରେ ସରକାରଙ୍କର ସମସ୍ତ ପ୍ରକାର କାର୍ଯ୍ୟକ୍ରମ ଯଥା- ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗର୍ଭବତୀ, ପ୍ରସୂତି, ପ୍ରାରମ୍ଭରୁ ୬ବର୍ଷ ପର୍ଯ୍ୟନ୍ତ ଶିଶୁର ଯତ୍ନ,ଶିକ୍ଷା, ସ୍ୱାସ୍ଥ୍ୟ ପୋଷଣ ଠାରୁ ଆରମ୍ଭ କରି ସରକାରଙ୍କ ଦ୍ୱାରା କରାଯାଉଥିବା ଆର୍ଥିକ ସର୍ବେକ୍ଷଣ, ଜନଗଣନା, ପଲସ୍ ପୋଲିଓ, ରାସନକାର୍ଡ଼ ସର୍ଭେ, ବାର୍ଦ୍ଧକ୍ୟ ଭତା ଠାରୁ ଆରମ୍ଭ କରି ତୃଣମୂଳସ୍ତରରେ ଯେତେ ପ୍ରକାର ସାମାଜିକ କାର୍ଯ୍ୟ ଆଦି କରି ଦିନକୁ ୮ ଘଂଟାରୁ ଉର୍ଦ୍ଧ୍ୱ କାର୍ଯ୍ୟ କରୁଥିବା ଅଙ୍ଗନଓ୍ୱାଡ଼ି କର୍ମଚାରୀଙ୍କୁ ସେମାନଙ୍କର ନାର୍ଯ୍ୟଦାବୀ ଏବଂ ହକ୍ ଆଜି ପର୍ଯ୍ୟନ୍ତ ନ ମିଳିବା ବିଶେଷ କରି ସେମାନଙ୍କୁ ସ୍କିଲଡ଼ ଓ୍ୱାର୍କର ଭାବେ ଘୋଷଣା କରିବା ସହ ଇପିଏଫ୍ ଏବଂ ଇଏସଆଇ ଲାଗୁ କରିବା ପାଇଁ ଆଜିର ୪ର୍ଥ ବାର୍ଷିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି । ଆଜି ଖୋରଧା ଠାରେ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡ଼ିଶା ଲେଡ଼ିଜ୍ ଓ୍ୱାର୍କସ ଆସୋସିଏସନ୍‌ର ୪ର୍ଥ ବାର୍ଷିକ ସମ୍ମିଳନୀରେ ପ୍ରସ୍ତାବ ଗୃହିତ ହୋଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ତଥା ଆସୋସିଏସନର ରାଜ୍ୟ ପ୍ରଭାରି ପୃଥୀରାଜ ପଣ୍ଡା ଯୋଗ ଦେଇ ଅଙ୍ଗନଓ୍ୱାଡ଼ି ଓ୍ୱାର୍କସ୍‌ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବକୁ ନିନ୍ଦା କରିବା ସହ ସେମାନଙ୍କର ଦାବୀ ଗୁଡ଼ିକ ରାଜ୍ୟ ସରକାର ଖୁବ୍ ଶୀଘ୍ର ମାନି ନେବାକୁ ଆହ୍ୱାନ ଦେଇଥିଲେ । ସଂଗଠନର ଜିଲ୍ଲା ସଭାନେତ୍ରୀ ପ୍ରଭାତୀ ମଙ୍ଗରାଜଙ୍କ ସଭାପତିତ୍ୱରେ ଏବଂ ଖୋରଧା ଜିଲ୍ଲା ସମ୍ପାଦିକା ଶ୍ରୀମତୀ ବନୀତାଜଂଳି ଦାସଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସମ୍ମିଳନୀରେ ସରକାରଙ୍କର ଅଙ୍ଗନଓ୍ୱାଡ଼ି କର୍ମୀଙ୍କୁ ଯୋଗାଇ ଦିଆଯାଇଥିବା ମୋବାଇଲରେ ମହାଘୋଟାଲା ଇ.ସି.ସି କାର୍ଯ୍ୟକ୍ରମ ଏବଂ ଅରୁଣିମା କ୍ୟାଲେଣ୍ଡର ମଧ୍ୟରେ ତାଳ ମେଳ ନ ଥିବା ମା' ଓ ଶିଶୁ ଅପପୃଷ୍ଟି ରୋକିବା ପାଇଁ ପ୍ରଚଳିତ ମଦର ଚାଇଲଡ଼ ଓ୍ୱେଟ ମେସିନ୍ କାର୍ଯ୍ୟକ୍ରମ ନ ହେବା ଏବଂ ଏହାକୁ ସଜାଡ଼ିବା ଏବଂ କିଣିବାରେ ହୋଇଥିବା ଘୋଟାଲାକୁ ପର୍ଦ୍ଦାଫାସ କରିବା ଏବଂ ସେଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କୁ କଠୋର ଦଣ୍ଡ ଦିଆଯିବାକୁ ସମ୍ମିଳନୀରେ ପ୍ରସ୍ତାବ ଗୃହିତ ହୋଇଥିଲା । ବିଶେଷ କରି ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ଜଏଂଟ ଆକାଉଂଟକୁ ଆସୁଥିବା ଅର୍ଥକୁ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ନିମନ୍ତେ ଆବଶ୍ୟକ ହେଉଥିବା ସାମଗ୍ରୀ କିଣିବା ପାଇଁ ଅଙ୍ଗନଓ୍ୱାଡ଼ି କର୍ମୀଙ୍କୁ ସ୍ୱତନ୍ତ୍ର ଅଧିକାର ଦିଆଯାଉ ଏଥିରେ ଅନ୍ୟଥା ସରକାରୀ ହସ୍ତକ୍ଷେପକୁ ସଂଘ ତରଫରୁ ବିରୋଧ କରାଯାଇଛି । ଏହି ସମ୍ମିଳନୀରେ ବି.ଏମ୍.ଏସ୍‌ର ରାଜ୍ୟ ସଂଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହାନ୍ତ ସଂଗଠନ ମଜଭୁତ ପାଇଁ ଭିନ୍ନ ଭିନ୍ନ ଉପଦେଶମାନ ନିଜର ବକ୍ତବ୍ୟରେ ରଖିଥିଲେ । ସର୍ବଭାରତୀୟ ଅଙ୍ଗନଓ୍ୱାର୍ଡ଼ି କର୍ମଚାରୀ ମହାସଂଘର ସଂଗଠନ ସମ୍ପାଦିକା ସୁଶ୍ରୀ ଅଞ୍ଜଳି ପଟେଲ, ବି.ଏମ.ଏସ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ବିଜୟ ପାତ୍ର, ପାଟିଲ୍ ରେଲ୍ ମଜଦୁର ସଂଘର ଉପଦେଷ୍ଟା ଶ୍ରୀରଂଜନ ମଙ୍ଗରାଜ, କୃଷି ଓ ଗ୍ରାମୀଣ ମଜଦୁର ସଂଘର ସର୍ବଭାରତୀୟ ସଭାପତି ବସନ୍ତ ସାହୁ, ସଂଘର ରାଜ୍ୟ ସଭା ନେତ୍ରୀ ସୁମିତା ମହାପାତ୍ର ସଂଘର ରାଜ୍ୟ କୋଷାଧକ୍ଷା ଶ୍ରୀମତୀ କୁଞ୍ଜଲତା ଦାସ, ହିନ୍ଦୁ ଜାଗରଣ ରାଜ୍ୟ ସଂଯୋଗଜକ ଅଜିତ୍ ପଟ୍ଟନାୟକ, ବି.ଏମ.ଏସ. ଖୋରଧା ଜିଲ୍ଲା ସହସଂଯୋଜକ ପ୍ରାର୍ଥ ସାରଥୀ ମହାନ୍ତି ଓ ଅକ୍ଷୟ ରାଉତରାୟ କୋଷାଧକ୍ଷ ଶିବା ନନ୍ଦ ହରିଚନ୍ଦନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ସମ୍ମିଳନୀରେ ଖୋରଧାର ଯୁବ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ଆଗାମୀ ଅବଦ୍ଧି ପାଇଁ ନୂତନ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇ ଅନୁମୋଦନ କରାଗଲା । ଏହି କମିଟିରେ ଜିଲ୍ଲା ସଭାନେତ୍ରୀ ଭାବେ ଶ୍ରୀମତୀ ପ୍ରଭାତୀ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ପ୍ରଭାତି ମଙ୍ଗରାଜ ଉପସଭାପତି କମିଳିନୀ ମହାନ୍ତି ଓ ନୟନି ଦତ, ସମ୍ପାଦିକା ସରସ୍ୱତୀ ବଳିଆରସିଂହ, ଯୁଗ୍ମ ସମ୍ପାଦିକା କୁଂଜଲତା ଦାସ, ସହସମ୍ପାଦିକା ସୂର୍ଯ୍ୟମଣି ମିଶ୍ର ଓ ସୌମ୍ୟ ସ୍ନିଗ୍ଧା ସୁନ୍ଦରରାୟ ସଂଗଠନ ସମ୍ପାଦିକା କବିତା ସ୍ୱାଇଁ ଏବଂ କୋଷାଧକ୍ଷ ମନ୍ଦାକିନୀ ପ୍ରଧାନଙ୍କ ନାମ ଘୋଷଣା କରାଗଲା । ଏଥି ସହିତ କାର୍ଯ୍ୟକାରିଣୀ ସଦସ୍ୟା ଭାବେ କ୍ରିଷ୍ଣା ବେହେରା, ରୀନା ଦେଇ, ଡ଼ଲି ରାଉତରାୟଙ୍କ ନାମକୁ ଅନୁମୋଦନ କରିଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray